# ବଦଳିପାରେ ସିମୁଳିଆରେ ରାଜନୈତିକ ସମୀକରଣ

## ■ ସଭା, ସମାବେଶ ଆୟୋଜନରେ ଆଶାୟୀ ବ୍ୟସ୍ତ

**ଖଇରା, ୧୧।୧୧(ଡି.ଏନ.ଏ.)**

ଆଗାମୀ ସାଧାରଣ ନିର୍ବାଚନକୁ ସାମ୍ନା କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ପ୍ରସ୍ତୁତି କାର୍ଯ୍ୟକୁ ଜୋରଦାର କରିଛନ୍ତି। ବାଲେଶ୍ୱର ଜିଲାରେ ଖଇରା ଓ ସିମୁଳିଆ ବ୍ଲକକୁ ନେଇ ଗଠିତ ସିମୁଳିଆ ନିର୍ବାଚନମଣ୍ଡଳୀରେ କର୍ମୀଙ୍କ ସଭା, ସମାବେଶ, ଦଳବଦଳ ରାଜନୀତିକୁ ଉଷ୍ମ କରିଛି। ଭାଜପା, କଂଗ୍ରେସ ଓ ବିଜେଡିରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ରହିଛି। ସେମାନେ ବିଭିନ୍ନ ସ୍ଥାନରେ ବୈଠକ କରି କର୍ମୀଙ୍କୁ ସଙ୍ଗଠିତ କରିବାରେ ଲାଗିଛନ୍ତି। ଦଳୀୟ ଟିକେଟ ପାଇବା ପାଇଁ ଏବେଠୁ ମଧ୍ୟ ଦୌଡ଼ ଆରମ୍ଭ ହୋଇଛି। କଂଗ୍ରେସର ବରିଷ୍ଠ ନେତା ପଦ୍ମଲୋଚନ ପଣ୍ଡା ଓ ଅନ୍ୟ କେତେକ ନେତା ଦଳ ଛାଡ଼ି ଭାଜପାରେ ସାମିଲ ହେବା ପରେ ଏହାକୁ ନେଇ ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ବୃଦ୍ଧି ପାଇଛି। ଭାଜପା ନେତା ଶଶି ସାହୁ ଦଳ ଛାଡିବାକୁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ଏଭଳି ସ୍ଥିତିରେ ସିମୁଳିଆରେ ରାଜନୈତିକ ସମୀକରଣ ବଦଳିଯାଇପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

୨୦୧୪ ନିର୍ବାଚନରେ ବିଜେଡି ଅଧିକ ଭୋଟ ପାଇ ଏହି ଆସନକୁ ଅକ୍ତିଆର କରିଥିଲା। ବର୍ତ୍ତମାନର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୬୫ ହଜାର ୮୫୪ ଭୋଟ ପାଇ ବିଜୟୀ ହୋଇଥିଲେ। ଏଥର ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳରେ ତତ୍ପରତା ବୃଦ୍ଧି ପାଇଛି। ବିଜେଡିର ଅନ୍ୟତମ ତୁଙ୍ଗ ନେତା ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପଦେଷ୍ଟା ଯଯାତି ଦାସ, ବରିଷ୍ଠ ପୁରୁଖା ନେତା ନିକୁଞ୍ଜ କିଶୋର ଦାସ ଗାଁ ଗାଁ ବୁଲି ବିଜେଡି କର୍ମୀଙ୍କୁ ନେଇ ବୈଠକ କରି ଦଳକୁ ସୁଦୃଢ଼ କରିବାରେ ଲାଗିପଡିଛନ୍ତି। ଉପଦେଷ୍ଟା ଦାସ ଜିଲାପାଳଙ୍କ ଜରିଆରେ ବାଉଁଶଗଡିଆ ଭଳି କିଛି ଆଦିବାସୀ ଅଞ୍ଚଳରେ ପାନୀୟଜଳ, ବିଦ୍ୟୁତ ଭଳି ସମସ୍ୟାର ସମାଧାନ କରି ଜନସାଧାରଣଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି। ପୁଣି ଥରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଜିତାଇବାକୁ ଅନୁରୋଧ କରୁଥିବା ଦେଖାଯାଇଛି। ୨୦୦୯ ନିର୍ବାଚନରେ ଭାଜପାର ଭୋଟ ଏହି ଆସନରେ ୫ ହଜାରରେ ସୀମିତ ଥିବା ବେଳେ ୨୦୧୪ରେ ଶଶୀ କୁମାର ସାହୁ ବିଜେଡି ଛାଡି ଭାଜପା ଟିକେଟରେ ଲଢିଥିଲେ। ସେ ତୃତୀୟ ସ୍ଥାନରେ ରହି ୨୮ହଜାର ଭୋଟ ପାଇଥିଲେ। ଏହା ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ଗୋଷ୍ଠୀକନ୍ଦଳ ସ୍ଥିତି ସତ୍ତ୍ୱେ ୫୨ହଜାର ଭୋଟ ହାତେଇବାକୁ ସକ୍ଷମ ହୋଇଥିଲା। ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ପରିଚିତ କଂଗ୍ରେସର ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ୪ବର୍ଷ ଧରି ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରହି ଗତ ଅକ୍ଟୋବର ୨୧ତାରିଖରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦାନ କରିଛନ୍ତି। ଭାଜପାର କେତେକ ସମର୍ଥକ ଏହାକୁ ବିରୋଧ କରୁଥିବାରୁ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଘନୀଭୂତ ହୋଇଛି। ଭାଜପାର ଏଭଳି ଅବସ୍ଥା ଦେଖି ତୃଣମୂଳସ୍ତରର କର୍ମୀମାନେ ଅନ୍ୟ ଦଳ ଆଡକୁ ମୁହାଁଉଥିବା ଚର୍ଚ୍ଚା ହେଉଛି। ଏହି ଅନ୍ତର୍ଦ୍ୱନ୍ଦ୍ୱ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି ଯେ, ଦଳର ଜଣେ ତୁଙ୍ଗନେତା ବିଜେଡିର ୧୨ ମନ୍ତ୍ରୀଙ୍କ ଉପସ୍ଥିତିରେ କୁପାରୀ ରାଜୀବ ଗାନ୍ଧୀ ପଡିଆରେ ବିଜେଡିରେ ଯୋଗଦେଇପାରନ୍ତି ବୋଲି କୁହାଯାଉଛି। ଏନେଇ ରବିବାର ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ କୁପାରୀ ଅମ୍ବିକା ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସେ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେହିପରି ପଦ୍ମଲୋଚନଙ୍କ ଦଳବଦଳ ପରେ ଏଆଇସିସି ସଭ୍ୟ ରବି ଶତପଥୀ କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ କରିବାରେ ଲାଗି ପଡ଼ିଛନ୍ତି। ସିମୁଳିଆ ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ବିଜୟ ନିଶ୍ଚିତ ବୋଲି ସେ ବିଭିନ୍ନ ସଭା ସମିତିରେ ଦୃଢୋକ୍ତି ପ୍ରକାଶ କରୁଛନ୍ତି। କଂଗ୍ରେସର ଜଣେ ପୂର୍ବତନ ରାଜ୍ୟସଭା ସଦସ୍ୟ କିମ୍ବା ତାଙ୍କ ପୁଅ କଂଗ୍ରେସରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପଦ୍ମଲୋଚନଙ୍କ ଦଳବଦଳ ପରେ ସିମୁଳିଆ ରାଜନୀତି ଅଧିକ ଗୋଳିଆ ରୂପ ନେଇଥିବାରୁ ଏଠାରେ ବିଭିନ୍ନ ଚର୍ଚ୍ଚା ଲାଗି ରହିଛି।

## ସଂକ୍ଷେପରେ

### କାଳୀପୂଜା ଲାଗି ଔପଦା ଉତ୍ସବମୁଖର



**ଔପଦା, ୧୧।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ପୂଜାମଣ୍ଡପ ଓ ଗଡ଼ସାହି ହାଟ ପୂଜା ମଣ୍ଡପ ନିକଟରେ କାଳୀମେଢ଼ ଦେଖିବାକୁ ଦର୍ଶକମାନଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗ ଆଲୋକମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଔପଦା କାଳୀପୂଜା କମିଟି ତରଫରୁ ଗଜେନ୍ଦ୍ର ଗିରି, ସୂର୍ଯ୍ୟକାନ୍ତ ଦାସ, ଗୋପାଳ ନାୟକ, ଉପେନ୍ଦ୍ର ମଲିକ, ଶାନ୍ତନୁ ପଣ୍ଡା, ବ୍ରହ୍ମାନନ୍ଦ ବେହେରା, ଅନନ୍ତ ନନ୍ଦ, ନିରଞ୍ଜନ ପରିଡ଼ା ପ୍ରମୁଖ ପରିଚାଳନା କରୁଛନ୍ତି। ଗଡ଼ସାହି ମା' କାଳୀପୂଜା କମିଟି ତରଫରୁ କାଶୀନାଥ ପରିଡ଼ା, ଅଭିମନ୍ୟୁ ଲେଙ୍କା, ଅନାଦି ଧଳ, ସିଦ୍ଧେଶ୍ୱର ସାହୁ, ପ୍ରଶାନ୍ତ ବେହେରା ଓ ନାରାୟଣ ପରିଡ଼ା ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଭାରତୀୟ ବିଦ୍ୟାନିକେତନରେ ମାତୃ ସମ୍ମିଳନୀ



**ସୋର, ୧୧।୧୧(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ ନଟାପଡାଛକ ଈଶ୍ୱରପୁର ଗ୍ରାମସ୍ଥ ଭାରତୀୟ ବିଦ୍ୟାନିକେତନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ରେଳ ଡାକ ବିଭାଗ ଅଧିକାରୀ କମଳାକାନ୍ତ ଓଝାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଆକାଶବାଣୀ କେନ୍ଦ୍ରର ଶିଶୁ କାର୍ଯ୍ୟକ୍ରମର ଉପସ୍ଥାପିକା ବସନ୍ତ ମଞ୍ଜରୀ ନନ୍ଦ ଯୋଗଦେଇ ଶିଶୁଙ୍କୁ ଗଢ଼ି ତୋଳିବାରେ ମା'ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଚେମେଇ ଦାସ ଯୋଗଦେଇ ଶିଶୁମାନଙ୍କ ସାମଗ୍ରିକ ବିକାଶ ପାଇଁ ଖେଳ ଓ ଶ୍ରେଣୀ କକ୍ଷ ବାହାରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କୁ ପାଠପଢ଼ା ପ୍ରତି ମନୋନିବେଶ କରାଇବା କୌଶଳ ଶିଖାଇଥିଲେ। ସଭା ଆରମ୍ଭରେ ଅଭିଭାବିକା ଅନ୍ନପୂର୍ଣ୍ଣା ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ କମଳାକାନ୍ତ ଓଝା ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟା ବୈଜୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଉପସ୍ଥିତ ମା'ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଳାକନା ବୁଲାଇଲେ ଚୋର

**ଭୋଗରାଇ,୧୧।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଜଳସୋହରିଆ ଗ୍ରାମର ସପନ କୁଣ୍ଡୁ ତାଙ୍କ ପରିବାର ସହ ଘରେ ତାଲା ପକାଇ ଶନିବାର ରାତି ପ୍ରାୟ ସାଢେ ୮ଟା ବେଳେ ଯାତ୍ରା ଦେଖିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘର ତାଲା ଭାଙ୍ଗି ଏକ ବାକ୍ସରେ ଥିବା ୨ଟି ୨୦ଗ୍ରାମ୍ ଓଜନର ହାର, ୨୫ଗ୍ରାମ୍ ଓଜନର ୪ଟି ମୁଦି, କିଛି ରୁପା ଅଳଙ୍କାର ସହ ନଗଦ ୫ହଜାର ଟଙ୍କା ନେଇଯାଇଛନ୍ତି। ରାତି ପ୍ରାୟ ସାଢେ ୧୦ଟା ବେଳେ ସପନ ତାଙ୍କ ପରିବାର ସହ ପହଞ୍ଚିବା ବେଳକୁ ଘରର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଏହାପରେ ସେ ଭୋଗରାଇ ଥାନାକୁ ସୂଚନା ଦେଇଥିଲେ। ଭୋଗରାଇ ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଏ ନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏଯାଏ କାହାରିକୁ ଗିରଫ କରାଯାଇନାହିଁ।

# ୧୫ ଉପଭୋକ୍ତାଙ୍କୁ ଗ୍ୟାସ ବଣ୍ଟନ

**ବାଲେଶ୍ୱର ଅଫିସ, ୧୧।୧୧**



ଭାଜପା ଜିଲାସଭାପତି ମଦନ ମୋହନ ଦତ୍ତ ଜଣେ ମହିଳାଙ୍କୁ ଗ୍ୟାସ ବଣ୍ଟନ କରୁଛନ୍ତି।

ବାଲେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ଶୋଭାରାମପୁରଠାରେ ଶାନ୍ତିଲତା ଗ୍ୟାସ ବିତରକ ତରଫରୁ ଗରିବ ଓ ଆଦିବାସୀ ମହିଳାମାନଙ୍କୁ ଉଜ୍ଜ୍ୱଳା ଯୋଜନାରେ ରବିବାର ଗ୍ୟାସ୍ ବିତରଣ କରାଯାଇଛି। ନଗର ସଭାପତି ସୀତାକାନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଭାଜପା ଜିଲାସଭାପତି ମଦନମୋହନ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ୟାସ୍ ବିତରଣ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର୍ ଚିତ୍ତରଞ୍ଜନ ପଣ୍ଡା, ବୁଆଁଳ ସମିତିସଭ୍ୟ ରବିନାରାୟଣ ମହାପାତ୍ର, ଜିଲା ଭାଜପା ମିଡିଆ ପ୍ରଭାରୀ ଗୌରାଙ୍ଗ ଦାସ ଓ ନଗର ଜନଜାତି ମୋର୍ଚ୍ଚା ସଭାପତି ରୁହିୟା ମୁର୍ମୁ ଯୋଗଦେଇ ୧୫ଜଣ ଉପଭୋକ୍ତାଙ୍କୁ ଗ୍ୟାସ୍ ବଣ୍ଟନ କରିଥିଲେ।

ଭାରତର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ମହିଳାଙ୍କୁ ସମ୍ମାନ ଦେବା ପାଇଁ ଆରମ୍ଭ ହୋଇଛି ମାଗଣା ଗ୍ୟାସ ବ୍ୟବସ୍ଥା 'ଉଜ୍ଜ୍ୱଳା ଯୋଜନା'। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ମହିଳାଙ୍କୁ ସ୍ୱଚ୍ଛ ଇନ୍ଧନ ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ। ମହିଳାଙ୍କୁ ଉଜ୍ଜ୍ୱଳା ଗ୍ୟାସ ଦେଇ ପରିବାରକୁ ସଶକ୍ତ କରିବା ପାଇଁ ମୋଦିଙ୍କ ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ନଗରର ପ୍ରତ୍ୟେକ ୱାର୍ଡ଼ରେ ଏ ପ୍ରକାର କାର୍ଯ୍ୟକ୍ରମ କରାଯାଇ ପ୍ରତ୍ୟେକ ଗରିବ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ହୃଷୀକେଶ ପାତ୍ର, ରାମ ମାରାଣ୍ଡି, ତପନ ସିଂ, ତୁଷାର ରଞ୍ଜନ ବେହେରା, ମାନସ ପ୍ରଧାନ, ଶୈଳେନ୍ଦ୍ର ପ୍ରସାଦ ଦାଶ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ରବି ସିଂ, ହିମାଂଶୁ ପାତ୍ର, ଦେବେନ୍ଦ୍ର ପଣ୍ଡା, ପ୍ରଦୀପ ମାରାଣ୍ଡି, ରଥ ହାଂସଦା, ମନୋଜ ଦାଶ, ଅଜୟ ସିଂ, ଭୂପତି ମାରାଣ୍ଡି ଓ ରାଜେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ସଂଗ୍ରାମୀ ପ୍ୟାରୀମୋହନଙ୍କ ଜନ୍ମପୀଠକୁ ମିଳୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା'

**ଭୋଗରାଇ, ୧୧।୧୧(ଡି.ଏନ.ଏ.)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପ୍ୟାରୀମୋହନ ଦାସଙ୍କ ଜନ୍ମସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ପ୍ୟାରୀମୋହନ ଫାଉଣ୍ଡେଶନ ଟ୍ରଷ୍ଟ ଭୋଗରାଇ ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି। ଭୋଗରାଇ ତଲାଡ଼ି ଗ୍ରାମରେ ଜନ୍ମିତ ଏହି ମହାନ ଜନନାୟକଙ୍କ ୩୨ତମ ଜୟନ୍ତୀରେ ନେଗୁଆଁ ଛକସ୍ଥିତ ପ୍ୟାରୀବାବୁଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ନେଗୁଆଁ ଛକରୁ-ପୁରୁଷୋତ୍ତମପୁର ସଡ଼କ ପଥକୁ ପ୍ୟାରୀବାବୁଙ୍କ ନାମରେ ନାମିତ କରିବା, ନେଗୁଆଁ ଛକ ମଧ୍ୟସ୍ଥଳରେ ପ୍ୟାରୀବାବୁଙ୍କର ପ୍ରତିମୂର୍ତ୍ତିକୁ ସ୍ଥାପନ କରିବାକୁ ଦାବି କରାଯାଇଛି। ଏଥିସହିତ ଉକ୍ତ ଫାଉଣ୍ଡେଶନ ପକ୍ଷରୁ ଖଗେଶ୍ୱରପୁର, ବାଡ଼ପୁର, ଟୁକୁରୀହାଜରା, ରଣକୋଠା ପ୍ରାଥମିକ ସ୍କୁଲ, ଭୋଗରାଇ ଥାନାରେ ବଉଳ ଚାରା ଓ କିଆଗଡ଼ିଆ ଗଠ ବାଡ଼ିରେ ଚମ୍ପା ଚାରା ଲଗାଯାଇ ଭିନ୍ନ ଭାବେ ପ୍ୟାରୀବାବୁଙ୍କ ସ୍ମୃତି ଚାରଣ କରାଯାଇଛି। ଫାଉଣ୍ଡେଶନର ମୁଖ୍ୟ ପ୍ୟାରୀବାବୁଙ୍କ ଝିଅ ଅପର୍ଣ୍ଣା ମହାପାତ୍ର, ନାତି ସବ୍ୟସାଚୀ ମହାପାତ୍ର, ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ସାମାଜିକ କର୍ମୀ ଦେବେନ୍ଦ୍ର ସାହୁ, ରମେଶ ଚନ୍ଦ୍ର ସାହୁ, ଅଜିତ ଦାସ, ବହୁ ଶିକ୍ଷକନେତା ଓ ଗଣସଙ୍ଗଠନର ନେତୃମଣ୍ଡଳୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।





ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅତିଥିଗଣ।

# ଗୀତା ଆବୃତ୍ତି ପ୍ରତିଯୋଗିତାରେ ଭାଗ ନେଲେ ୯୦ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୧୧।୧୧**

ବାଲେଶ୍ୱର ଚିନ୍ମୟ ମିଶନ ଶାଖା ତରଫରୁ ସ୍ଥାନୀୟ ପବ୍ଲିକ୍ ହାଇସ୍କୁଲ୍ ପରିସରରେ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ୯୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସକାଳ ସାଢ଼େ ୭ଟାରୁ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲୁ ରହିଥିଲା।

ବାଲେଶ୍ୱର ପବ୍ଲିକ୍ ସ୍କୁଲ୍‌ର ବରିଷ୍ଠ ଶିକ୍ଷକ ଗୋପବନ୍ଧୁ ଦାସ ପ୍ରଦୀପ ଜାଳି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ଡା. କ୍ଷିତୀଶ୍ୱର ଦାଶ, ଡ. ଗଣେଶ ଚନ୍ଦ୍ର ପରିଡ଼ା, ପ୍ରଫେସର ରାମଚନ୍ଦ୍ର ନାୟକ, ଡା. ବେଣୁମାଧବ ଶତପଥୀ, ବ୍ରହ୍ମଚାରୀ ପ୍ରସନ୍ନ ପୁରୋହିତ ଉପସ୍ଥିତ ରହି ବିଚାରକ ମଣ୍ଡଳୀ ରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ମିଶନର ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ମିଶନର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମିଶନର ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଉପସଭାପତି ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ୍, ହରିଶ ଚନ୍ଦ୍ର ସାହୁ, ରଜନୀକାନ୍ତ ବେହେରା, କୋଷାଧ୍ୟକ୍ଷ ଗଙ୍ଗାଧର ପୃଷ୍ଟି, ଡଃ ପ୍ରଭାକର ରଥ, ସରୋଜ ସାମଲ, ରାଜକିଶୋର ମଲ୍ଲିକ, ମନୋରଞ୍ଜନ ମହାରଣା, ଉଦୟ କୁମାର ଦାସ, ଜ୍ୟୋତ୍ସ୍ନା ସାମଲ, ବୈଦ୍ୟନାଥ ପଣ୍ଡା, ରାଧାରାଣୀ ପାଣିଗ୍ରାହୀ, ମନୋଜ ପାଣିଗ୍ରାହୀ ଓ ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ହରିଶ୍ଚନ୍ଦ୍ର ରଣା ଧନ୍ୟବାଦ ଦେଇଥିଲେ।

## ■ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

# ଖଇରା ଛାତ୍ର ବାଲେଶ୍ୱରରେ ପ୍ରଥମ

**ଖଇରା, ୧୧।୧୧(ଡି.ଏନ.ଏ.)**

ଖଇରା ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଅନୁଷ୍ଠିତ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଖଇରା ଚଣ୍ଡିମାତା ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଅବିନାଶ କୁମାର ବାରିକ ବାଲେଶ୍ୱର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସଂସ୍କୃତି ଜ୍ଞାନ ପରୀକ୍ଷାର ସଂଯୋଜକ ରମଣିରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ଗତ ଅଗଷ୍ଟ ୧୮ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଖଇରା ବ୍ଲକ ସାଲୋ ମାଧପୁର ଗ୍ରାମର ହେମନ୍ତ କୁମାର ବାରିକ ଓ ଉର୍ମିଳା ବାରିକଙ୍କ ପୁଅ ଅବିନାଶ ଗୋଳିହା ନିକଟସ୍ଥ କଣ୍ଟାବଣିଆ ଗ୍ରାମର ଅଜା ଶିବପ୍ରସାଦ ବାରିକଙ୍କ ନିକଟରେ ରହି ପାଠ ପଢୁଛନ୍ତି। ସେ ୭୮ପ୍ରତିଶତ ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ଏମିତି ଏକ ଆଧାତ୍ମିକ ପରୀକ୍ଷାରେ ଭାଗ ନେଇ ନିଜର ଜ୍ଞାନ ପରିସରକୁ ସମୃଦ୍ଧ କରିବା ସହିତ ଓଡ଼ିଶାର ଜଗନ୍ନାଥ ସଂସ୍କୃତିର ସୁଦୂରପ୍ରସାର କରିବା ତାଙ୍କର ଲକ୍ଷ୍ୟ। ଆସନ୍ତା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ରାଜ୍ୟସ୍ତରୀୟ ପରୀକ୍ଷାରେ ମଧ୍ୟ ସେ ସଫଳତା ହାସଲ କରିବେ ବୋଲି ଅବିନାଶ ଦୃଢୋକ୍ତି ପ୍ରକାଶ କରିଛନ୍ତି।



ଶିକ୍ଷକ ଓ ସଂଯୋଜକଙ୍କ ସହ ଅବିନାଶ।

# ଇନ୍‌ଫୋଟେକ୍ ସଲ୍ୟୁସନ୍‌ର 'ସେଲଫେରିଆ-୨୦୧୮'

## ଅର୍ଚ୍ଚିସା ପ୍ରଥମ

**ବାଲେଶ୍ୱର ଅଫିସ, ୧୧।୧୧**

ବାଲେଶ୍ୱର ଷ୍ଟେଶନଛକ ନିକଟସ୍ଥ ଅରୁଣୋଦୟ ମାର୍କେଟ କମ୍ପ୍ଲେକ୍ସରେ ଇନ୍‌ଫୋଟେକ୍ ସଲ୍ୟୁଶନ ତରଫରୁ ଦୀପାବଳି ଅବସରରେ ଯୁବପିଢ଼ିଙ୍କ ପାଇଁ ଆୟୋଜିତ ୩ ଦିନିଆ ସେଲ୍‌ଫି ପ୍ରତିଯୋଗିତା' ସେଲଫେରିଆ-୨୦୧୮'ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଅର୍ଚ୍ଚିସା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଆଇଡ଼ି ସୁପରମମ୍, ଡ୍ୟାନ୍ସ ଦିୱାନେର ସେଲିବ୍ରିଟି ଡ୍ୟାନ୍ସର ତଥା 'ନାଚ୍' ଡ୍ୟାନ୍ସ ଏକାଡ଼େମୀର ନିର୍ଦ୍ଦେଶିକା ରୋନାଲିସା ପଣ୍ଡା ଏହା ଏକ ଅଭିନବ ପଦକ୍ଷେପ ବୋଲି ପ୍ରକାଶ କରିଛନ୍ତି। ଅନ୍ୟତମ ଅତିଥି ଭାବେ ଚନ୍ଦ୍ରଭାଗା ନିର୍ଦ୍ଦେଶକ ଶ୍ରୀଦେବ ଆମକୁ ସମୟ ସହିତ ତାଳ ଦେଇ ଚାଲିବାକୁ ପଡ଼ିବ। ନୂଆପିଢ଼ିଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ସେଲ୍‌ଫି ପ୍ରତିଯୋଗିତା ଏକ ସେତୁ ସଦୃଶ ବୋଲି ମତ ରଖିଥିଲେ। ଶିଳ୍ପୀ କେଶୁ ଦାସ, ମିଲିୟନ୍ ଡ୍ରିମ୍‌ସର ପ୍ରତିଷ୍ଠାତା ବିରଜା ପ୍ରସାଦ ନାୟକ, ଏଚ୍‌ପି କମ୍ପାନୀର ମାର୍କେଟିଂ ମ୍ୟାନେଜର ଅବିନାଶ, ହିନ୍ଦୁଜା ଲିଲେଣ୍ଡର ଉତ୍ତର ଓଡ଼ିଶା ମୁଖ୍ୟ ଅରୁଣାଂଶୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ୫୦ଜଣ ସେଲଫେରିଆମାନଙ୍କୁ ହେଡ଼ଫୋନ୍, ବ୍ଲୁ ଟୁଥ୍ ସ୍ପିକର, ଲାପଟପ୍ ଲକ୍, କ୍ଲିନର, ଆଣ୍ଟିଭାଇରସ୍, ପେନ୍‌ଡ୍ରାଇଭ୍, କାର୍ଡ଼ରିଡ଼ର, ମେମୋରି ଚିପ୍ ବିତରଣ କରିଥିଲେ। ଇନ୍‌ଫୋଟେକ୍ ସଲ୍ୟୁସନ୍‌ର ସତ୍ତ୍ୱାଧିକାରୀ ଅଜୟ କୁମାର ପାତ୍ର ସମସ୍ତ ଅତିଥିମାନଙ୍କୁ ମେମେଣ୍ଟୋ ପ୍ରଦାନ କରିଥିଲେ।





ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଉଛି।

# ଶାସଙ୍ଗ ହାଇସ୍କୁଲରେ ବିଜ୍ଞାନ ମେଳା

**ବାଲେଶ୍ୱର ଅଫିସ, ୧୧।୧୧**

ବାଲେଶ୍ୱର ସଦର ବ୍ଲକ ଶାସଙ୍ଗ ନାରାୟଣ ପ୍ରସାଦ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଖୁଲଣା ଜେନା ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦିବାକର ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ହରପ୍ରସାଦ ପାଳ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ପର୍କରେ ଅନେକ ଉପାଦେୟ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ମଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା କୁମାରୀ ପାଣି, କମିଟି ସଭ୍ୟ ସତ୍ୟନାରାୟଣ ମହାପାତ୍ର, ଶିକ୍ଷକ ତ୍ରିଲୋଚନ ଦାଶ, ବୀର କିଶୋର ନାୟକ, ହେମନ୍ତ ଦାସ, ନାରାୟଣ ମାରାଣ୍ଡି, ଦିବ୍ୟ ରଞ୍ଜନ ଦାସ, ଶିକ୍ଷୟିତ୍ରୀ ମଧୁସ୍ମିତା ଦତ୍ତ ଓ ପ୍ରମିଳା ମାଝି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମଇ ସ୍କୁଲ ଓ ହାଇସ୍କୁଲର ୨୦ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଦୀପକ କୁମାର ସେଠୀ, ସୁଶୀଲ ଆଚାର୍ଯ୍ୟ, କ୍ରିଷ୍ଣାପ୍ରିୟା ଦାସ ଓ ଶ୍ରେୟାସ ଜେନାଙ୍କୁ କୃତୀ ପ୍ରତିଯୋଗୀ ଭାବେ ପୁରସ୍କୃତ କରାଯାଇଥିଲା। ସୁଦର୍ଶନ ପ୍ରଧାନ ଓ ରବୀନ୍ଦ୍ର ବେହେରା ଉତ୍ସବରେ ସହଯୋଗ କରିଥିଲେ।

# କାଠ ବୋଝେଇ ଟ୍ରାକ୍ଟର, ଡ୍ରାଇଭରଙ୍କୁ ବନବିଭାଗ ଜିମା

**ନୀଳଗିରି, ୧୧।୧୧(ଡି.ଏନ.ଏ.):** ନୀଳଗିରି ବ୍ଲକ ବରହମପୁର ଥାନା ଅଧିକାରୀ ଶନିବାର ଜବତ କରିଥିବା କାଠ ବୋଝେଇ ଟ୍ରାକ୍ଟର ସହ ୨ଜଣ ଡ୍ରାଇଭରଙ୍କୁ ରବିବାର ବନବିଭାଗକୁ ଜିମା ଦେଇଛନ୍ତି। ଗୋଟିଏ ଟ୍ରାକ୍ଟର ନମ୍ବର ବିହୀନ ହୋଇଥିବା ବେଳେ ଅନ୍ୟଟି ବିଓଆର୍୦୧କ୍ୟୁ-୫୬୧୪-୧୫ ନମ୍ବର ବିଶିଷ୍ଟ। ଡ୍ରାଇଭରଦ୍ୱୟ ହେଲେ ନୀଳଗିରି ଥାନା ବୁଦୁସାହି ଗାଁର ଲକ୍ଷ୍ମୀଧର ସିଂ, ବାଘମରା ଗାଁର ଉଜ୍ଜ୍ୱଳ ସିଂ। ଥାନାଧିକାରୀ ରାଜେନ୍ଦ୍ର କୁମାର ଦାଶଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂରେ ଯାଇଥିବାବେଳେ ନିମ୍ବ ଗଣ୍ଡି ବୋଝେଇ ୨ଟି ଟ୍ରାକ୍ଟର ଜବତ କରିଥିଲେ।

# ବଳାତ୍କାର ଅଭିଯୋଗରେ ସମ୍ପର୍କୀୟ ଦାଦା ଜେଲ୍‌ଗଲେ

**ନୀଳଗିରି, ୧୧।୧୧(ଡି.ଏନ.ଏ.)**

ନୀଳଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ତାଙ୍କ ସମ୍ପର୍କୀୟ ଦାଦାଙ୍କୁ ରବିବାର ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରିଛି। ଅନ୍ୟ ଜଣେ ସହଯୋଗୀ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ମାମଲା (ନଂ.୨୫୫/୧୮) ରୁଜୁହୋଇଛି। ଗତ ୮ ତାରିଖରେ ଉକ୍ତ ନାବାଳିକାଙ୍କୁ ଅଭିଯୁକ୍ତ ଦାଦା ଏକ ହୋଟେଲରେ ନେଇ ରହିଥିଲେ। ଏ ବିଷୟରେ ତାଙ୍କ ପରିବାର ଲୋକ ଜାଣିବା ପରେ ବୈଠକ ବସିଥିଲା। ସମାଧାନ ହୋଇ ନ ପାରିବାରୁ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା।

## ■ ଭୀମ ଭୋଇ ସାମର୍ଥ୍ୟ ଶିବିର

# ୯୪୩ ଦିବ୍ୟାଙ୍ଗଙ୍କୁ ପରୀକ୍ଷା

**ଜଳେଶ୍ୱର, ୧୧।୧୧(ଡି.ଏନ.ଏ.)**

ଜଳେଶ୍ୱର ସହର ନୂଆବଜାରସ୍ଥିତ ଜଳେଶ୍ୱର ନୋଡାଲ ହାଇସ୍କୁଲ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରୁ ୯୪୩ଜଣ ଭିନ୍ନକ୍ଷମ ନିଜ ନାଁ ପଞ୍ଜୀକୃତ କରାଇ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇଥିଲେ। ଚକ୍ଷୁରେ ୧୪୦, ଅସ୍ଥିଶଲ୍ୟରେ ୪୨୭, ନାସା, କର୍ଣ୍ଣ ଓ ଗଳାରେ ୨୩୭ ଓ ମାନସିକ ଅନଗ୍ରସର ବିଭାଗରେ ୧୩୯ଜଣ ବିଭାଗୀୟ ଡାକ୍ତରଙ୍କଠାରେ ପରୀକ୍ଷା କରାଇ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଆବେଦନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଇଏନ୍‌ଟି ବିଶେଷଜ୍ଞ ଡା. ଅନିଲ କୁମାର ଦାସ, ଚକ୍ଷୁ ବିଶେଷଜ୍ଞ ଡା.ମହମ୍ମଦ ସୁଲେମାନ ରହମାନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ସନ୍ତୋଷ କୁମାର ପାତ୍ର, ଭେଷଜ ବିଶେଷଜ୍ଞ ଡା. ସଞ୍ଜୟ କୁମାର ଗିରି ଓ ମାନସିକ ରୋଗ ବିଶାରଦ ଭାରତୀ ଦାସ ପ୍ରମୁଖ ଉପସ୍ଥିତ ରହି ସନ୍ଧ୍ୟା ପର୍ଯ୍ୟନ୍ତ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ। ଏହାସହିତ ପ୍ରଶାସନିକ ସ୍ତରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ବିଡିଓ ନିତ୍ୟାନନ୍ଦ ସାହୁ, ବିଇଓ ବିଜୟ କୁମାର ନାଥ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ଶିବିରରେ ଉପସ୍ଥିତ ହୋଇ ଭିନ୍ନକ୍ଷମମାନଙ୍କୁ ସହାୟତା କରିଥିଲେ। ଶିବିରକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ଜଳେଶ୍ୱର ଥାନାଧିକାରୀ ପ୍ରଦୀପ କୁମାର ମାଝି ଓ ଅନ୍ୟ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ଗତବର୍ଷ ଜଳେଶ୍ୱର ବ୍ଲକରୁ ୧୪୦୦ ଓ ମ୍ୟୁନିସିପାଲିଟିରୁ ୧୦୪ଜଣ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ବ୍ଲକ ଅଞ୍ଚଳରେ ୮୦୦ ଓ ମ୍ୟୁନିସିପାଲିଟିରେ ୪୦ଜଣ ତାଙ୍କ ପ୍ରମାଣପତ୍ର ଅନ୍‌ଲାଇନ ମାଧ୍ୟମରେ ପାଇଛନ୍ତି। ପ୍ରକୃତ ଭିନ୍ନକ୍ଷମମାନେ ବର୍ଷେ ବିତିଯାଇଥିଲେ ମଧ୍ୟ ତାଙ୍କ ପ୍ରମାଣପତ୍ର ନ ପାଇ ଶିବିରରେ ଅଭିଯୋଗ କରିବାରୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା।



ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।



ଭଦ୍ରକ ସହର ନିକଟ ଏରେଇଁ ପୂଜାମଣ୍ଡପରେ ମା’ କାଳୀଙ୍କ ପୂଜାର୍ଚ୍ଚନା ଚାଲିଛି।



ଭଦ୍ରକ ଷ୍ଟେଶନ ଲେଭଲକ୍ରସିଂ ନିକଟରେ ଗେଟ ପଡ଼ିଥିବାରୁ ଦେଖଣାହାରୀ ଅଟକି ରହିଛନ୍ତି।



ମେଳାରେ ଆଖି ଝଲସାଉଛି ରାମ ଦୋଳି।

# ଜମୁଛି କାଳୀପୂଜା: ଲକ୍ଷାଧିକ ଶ୍ରଦ୍ଧାଳୁ

## ପାଗ ଅନୁକୂଳ, ଜମୁଛି ଭିଡ଼

**ଭଦ୍ରକ ଅଫିସ,୧୧।୧୧:** ଐତିହାସିକ ଭଦ୍ରକ କାଳୀପୂଜାର ରବିବାର ଥିଲା ୬ଷ୍ଠ ଦିନ। ସୁସଜ୍ଜିତ ତୋରଣ ଓ ରଙ୍ଗିନ ଆଲୋକସଜ୍ଜାରେ ଝଲସୁଛି ସାରା ଚରମ୍ପା ଅଞ୍ଚଳ। ରବିବାର ଛୁଟିଦିନ ହୋଇଥିବାରୁ ପୂର୍ବାହ୍ନରୁ ବିଭିନ୍ନ ପୂଜା ମଣ୍ଡପରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲକ୍ଷାଧିକ ଲୋକଙ୍କ ସମାଗମ ଯୋଗୁ ଟ୍ରାଫିକ ଜାମ୍ ସମସ୍ୟା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷେ ପାଗ ଅନୁକୂଳ ଥିବାରୁ ବ୍ୟବସାୟୀ ଓ ଆୟୋଜକଙ୍କ ମନରେ ଖୁସି କହିଲେ ନ ସରେ। ଅପେରା ପ୍ରଦର୍ଶନ ପଡ଼ିଆ ନିକଟରେ ଯୁବପିଢ଼ିଙ୍କ ପ୍ରବଳ ଭିଡ଼ ଜମିଥିଲା। ପୁରୁଣା ଓଏସ୍ଆର୍‌ଟିସି ପଡ଼ିଆ, ପଥରକାଳୀ ପଡ଼ିଆରେ ମିନାବଜାର ନିକଟରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ସହରର ସମସ୍ତ ମୁଖ୍ୟରାସ୍ତା, ଚରମ୍ପା ଅଞ୍ଚଳ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇରହିଥିଲା।

**ଲୁଟେରାଙ୍କ ଟାର୍ଗେଟରେ ପୂଜାବଜାର**

କାଳୀପୂଜା ବଜାର ଏବେ ଲୁଟେରାଙ୍କ ଟାର୍ଗେଟରେ। ମୋବାଇଲ, ପର୍ସ ଓ ଅଳଙ୍କାର ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଏପରିକି ଲୁଟେରାଙ୍କ ଟାର୍ଗେଟରୁ ବର୍ତ୍ତି ନାହାନ୍ତି ପୋଲିସ ଅଧିକାରୀଙ୍କ ପରିବାର ଲୋକେ। ଶନିବାର ୨ ପୋଲିସ ଅଧିକାରୀଙ୍କ ସ୍ତ୍ରୀଙ୍କ ସୁନା ଅଳଙ୍କାର ଓ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କ ସ୍ତ୍ରୀଙ୍କ ମୋବାଇଲ ଲୁଟ୍ ହୋଇଥିଲା। ପୂଜାରେ ୧୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିବା ଜଣାପଡ଼ିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରଯିବା ସତ୍ତ୍ୱେ ଲୁଟେରାମାନେ ଉତ୍ପାତ ଚଳାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ସୂଚନାକେନ୍ଦ୍ରଗୁଡ଼ିକରେ କେବଳ ସତର୍କ ରହିବା ଲାଗି ଯାତ୍ରୀଙ୍କୁ ସୂଚନା ଦିଆଯାଉଛି।

**ଯାଞ୍ଚ ନାହିଁ, ଫାଇଦାରେ ବେପାରୀ**

ଭଦ୍ରକ କାଳୀପୂଜାରେ ଏଥର ଖାଦ୍ୟ ସାମଗ୍ରୀ ଭିତ୍ତିକ ଦୋକାନ ସଂଖ୍ୟା ଅଧିକ ରହିଛି। କେଉଁଠି ଅସ୍ଥାୟୀ ହୋଟେଲ ତ ଆଉ କେଉଁଠି ସ୍ୱତନ୍ତ୍ର ଆଇସକ୍ରିମ ଦୋକାନ। ଦହିବରା ସାଙ୍ଗକୁ ଚାଟ୍। ବିଭିନ୍ନ ଦୋକାନ ଆଗରେ ଝୁଲୁଛି ଆକର୍ଷଣୀୟ ପୋଷ୍ଟର। ଏସବୁ ଅସ୍ଥାୟୀ ଦୋକାନରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇ ନ ଥିବା ଦେଖିବାକୁ ମିଳିଛି। ଏହାର ସୁଯୋଗ ନେଇ କେତେକ ବ୍ୟବସାୟୀ ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଓ ଦର୍ଶନାର୍ଥୀ ନିମ୍ନମାନର ଖାଦ୍ୟ ଖାଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା ଲାଗି ପ୍ରଶାସନ ଜୋର ଦେଉଥିବାବେଳେ ମେଳାରେ ବିଭିନ୍ନ ବ୍ୟତିକ୍ରମ ଦେଖିବାକୁ ମିଳିଛି।

**ରେଳ ଲାଇନ ଡେଇଁଛନ୍ତି ଯାତ୍ରୀ**

ଭଦ୍ରକ ରେଳ ଷ୍ଟେଶନ ସଂଲଗ୍ନ ଚରମ୍ପା ବଜାର ଓ ଏହା ଆଖପାଖ ପୂଜା ମଣ୍ଡପ ଭଳି ଷ୍ଟେଶନ ଆରପଟେ ଥିବା ପଥରକାଳୀ ମନ୍ଦିର ଓ ମେଢ଼ର ଆକର୍ଷଣ କିଛି କମ୍ ନୁହେଁ। ଯାତ୍ରୀମାନେ ରେଲୱେ ଫୁଟ ଓଭରବ୍ରିଜ ଦେଇ ଷ୍ଟେଶନ ଆରପାଖ ମଣ୍ଡପକୁ ଯାଇଥାନ୍ତି। ପୂର୍ବରୁ ଷ୍ଟେଶନରେ ଥିବା ଫୁଟ ଓଭରବ୍ରିଜ ଦୁର୍ବଳ ହୋଇପଡିଥିବାରୁ କିଛିବର୍ଷ କଟକଣା କରାଯାଇ ଅଳ୍ପସଂଖ୍ୟକ ଯାତ୍ରୀଙ୍କୁ ଛଡ଼ା ଯାଉଥିଲା। ପରେ ଏହାପାର୍ଶ୍ୱରେ ପ୍ଲାଟଫର୍ମକୁ ସଂଯୋଗ କରି ନୂତନ ଫୁଟ ଓଭରବ୍ରିଜ ତିଆରି ହୋଇଛି। ପୁରୁଣା ଫୁଟ ଓଭରବ୍ରିଜ ଆରପଟକୁ ଯିବା ପାଇଁ ଏକମାତ୍ର ମାଧ୍ୟମ ହୋଇଥିବାବେଳେ ରେଳ ବିଭାଗର କଟକଣା ଯୋଗୁ ଯାତ୍ରୀମାନେ ପଥରକାଳୀଙ୍କ ଦର୍ଶନ କରିବାକୁ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ଦର୍ଶନାର୍ଥୀ ପ୍ଲାଟଫର୍ମ ଟିକେଟ କାଟି ଆରପଟକୁ ଯାଉଥିବା ବେଳେ ଅନ୍ୟ ଯାତ୍ରୀ ଲେଭଲକ୍ରସିଂ ଦେଇ କିମ୍ବା ରେଳଧାରଣା ଡେଇଁ ଯିବାକୁ ବାଧ ହେଉଛନ୍ତି। ଏହା ଯାତ୍ରୀଙ୍କ ସୁରକ୍ଷା କ୍ଷେତ୍ରରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ମନମୋହୁଛି ‘ବାହୁବଳୀ’**

କଳାକୁଞ୍ଜ ସାଙ୍ଗକୁ ସୁସଜ୍ଜିତ ମଣ୍ଡପ ଓ ତୋରଣ ଏଥର କାଳୀପୂଜାର ଭିନ୍ନ ଆକର୍ଷଣ ସୃଷ୍ଟି କରିଛି। ସହରଠାରୁ କିଛି ଦୂର ଭଦ୍ରକ ବ୍ଲକ ଏରେଇଁଠାରେ ମା’ ଙ୍କ ପୂଜାମଣ୍ଡପରେ ହୋଇଥିବା ‘ବାହୁବଳି ତୋରଣ’ ଏଠି ଚର୍ଚ୍ଚାକୁ ଆସିଛି। ଏଥିରେ ପୁରାତନ କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ଏହି ପୂଜା ମଣ୍ଡପ ଅନ୍ୟଠାରୁ ଟିକେ ନିଆରା ବୋଲି ଚର୍ଚ୍ଚା ହେଉଛି। ରଙ୍ଗିନ ଆଲୋକ ସାଜସଜ୍ଜା ସମଗ୍ର ପରିସରକୁ ଝଲସାଇ ଦେଉଛି।

**ସୂଚନାକେନ୍ଦ୍ରରୁ ସେବା**

ପ୍ରଥମଥର ପାଇଁ ଏଥର ଭଦ୍ରକ ଜିଲା ବଜରଙ୍ଗ ଦଳ ପକ୍ଷରୁ କାଳୀପୂଜାରେ ସୂଚନାକେନ୍ଦ୍ର ଖୋଲାଯାଇଛି। ଉକ୍ତ କେନ୍ଦ୍ର ମାଧ୍ୟମରେ ଶୁଖିଲା ଖାଦ୍ୟ, ପ୍ରାଥମିକ ଚିକିତ୍ସା ସେବା ଓ ନିଖୋଜ ବ୍ୟକ୍ତିଙ୍କ ସୂଚନା ପ୍ରଦାନ କରାଯାଉଛି। ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମଧ୍ୟ ଯାତ୍ରୀଙ୍କ ସେବାକାର୍ଯ୍ୟରେ ଲାଗିଛନ୍ତି।



## ଆକର୍ଷଣ ମା’ ପଥରକାଳୀ

ଐତିହାସିକ ଭଦ୍ରକ କାଳୀପୂଜାର ମା’ ପଥରକାଳୀଙ୍କ ଉପାସନା ଶ୍ରଦ୍ଧାଳୁଙ୍କ ପାଇଁ ଭିନ୍ନ ଆକର୍ଷଣ ହୋଇ ରହିଆସିଛି। ଚରମ୍ପା ଷ୍ଟେଶନବଜାର ଓ ଏହା ଆଖପାଖରେ ବିଭିନ୍ନ ମଣ୍ଡପରେ ମା’ଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ଷ୍ଟେଶନ ଆରପାଖରେ ଥିବା ପଥରକାଳୀଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଜମିଥାଏ। ସେଠାରେ ମଧ୍ୟ ସବୁବର୍ଷ ଭଳି ଏଥର ମା’ଙ୍କୁ ପୂଜାର୍ଚ୍ଚନା କରାଯାଉଛି।



ରବିବାର ମା’ ଭଦ୍ରକାଳୀ ମହାସରସ୍ୱତୀ ବେଶରେ ଦର୍ଶନ ଦେଉଛନ୍ତି।

## ମହାସରସ୍ୱତୀ ରୂପରେ ମା’

**ଭଦ୍ରକ ଅଫିସ, ୧୧।୧୧:** ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ସପ୍ତମାତୃକା ବେଶର ଷଷ୍ଠ ଦିବସରେ ରବିବାର ମହାସରସ୍ୱତୀ ବେଶରେ ପୂଜା ପାଇଛନ୍ତି। ସକାଳୁ ମା’ ଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଭକ୍ତମାନେ ଧାଡ଼ି ବାନ୍ଧି ଧୂପ, ଦୀପ ଦେଇ ମା’ଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ମହାସରସ୍ୱତୀ ବେଶରେ ମା’ ଶ୍ୱେତବସ୍ତ୍ର ପରିଧାନ କରିଥିବାବେଳେ ମା’ଙ୍କର ମୁଖମଣ୍ଡଳ ମଧ୍ୟ ଶ୍ୱେତ ବର୍ଣ୍ଣ ଥିଲା। ପଦ୍ମାସନରେ ମା’ ବିରାଜମାନ କରିଥିବାବେଳେ ହଂସ ବାହନ ଥିଲା। ହସ୍ତଯୁଗଳରେ ବୀଣା ଧାରଣ କରିଥିଲେ ମା’। ତୃତୀୟ ହସ୍ତରେ ଜପାମାଳି ଓ ଚତୁର୍ଥ ହସ୍ତରେ ପୁସ୍ତକ ଧାରଣ କରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା’ଙ୍କୁ ମହାସରସ୍ୱତୀ ବେଶରେ ଦର୍ଶନ କଲେ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି।






କାଳୀପୂଜା ବଜାରରେ ଘୂରିବୁଲୁଛି ପୋଲିସର ଧରପଗଡ଼ ଯାନ (ବାମ)। ଧରାପଡ଼ିଥିବା ଲୁଟେରା ଗ୍ୟାଙ୍ଗ୍।

## ଲୁଟେରାଙ୍କୁ ଧରିଲେ ଲୋକେ

**ଭଦ୍ରକ ଅଫିସ, ୧୧।୧୧:** ଭଦ୍ରକ କାଳୀପୂଜାରେ ରାଜ୍ୟ ବାହାର ଅଞ୍ଚଳର ଲୁଟେରା ଗ୍ୟାଙ୍ଗ୍ ଆସି ଡେରା ପକାଇଛନ୍ତି। ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ମେଳାରେ ସେମାନେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କ ପର୍ସ, ସୁନା ହାର ଆଦି ଲୁଟି ନେଉଛନ୍ତି। ଗତ ୪ ଦିନ ମଧ୍ୟରେ ପ୍ରାୟ ଶତାଧିକ ମୋବାଇଲ ଫୋନ୍ ମଧ୍ୟ ଲୁଟ୍ ହୋଇଛି। ଏପରିକି ଦୁଇ ପୋଲିସ ଉଚ୍ଚ ଅଧିକାରୀଙ୍କ ପତ୍ନୀଙ୍କଠାରୁ ମେଳାରେ ସୁନା ଚେନ୍ ଲୁଟ୍ ହେବା ଭଳି ଘଟଣା ସାମ୍ନାକୁ ଆସିଛି। ଲୁଟେରାମାନେ ପ୍ରତିବର୍ଷ କାଳୀପୂଜାରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟ୍‌ପାଟ୍ କରିଆସୁଛନ୍ତି। ଏଠାକୁ ଆସିଥିବା କୋଲକାତା ହାୱଡ଼ା ଅଞ୍ଚଳର ଏକ ୧୫ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଲୁଟ୍‌ର ଶିକାର ହୋଇଥିବା କେତେକ ବ୍ୟକ୍ତ କାବୁ କରି ପୋଲିସ ଜିମା ଦେଇଛନ୍ତି। ଚରମ୍ପା ତେଲେଙ୍ଗାସାହି ଛକରେ ଥିବା ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଲୋକେ ସେମାନଙ୍କୁ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ସ୍ୱତନ୍ତ୍ର ଅପରାଧ ନିୟନ୍ତ୍ରଣ ଗାଡ଼ି ଯୋଗେ ଟାଉନ ଥାନାକୁ ନେଇ ପଚରାଉଚରା ଜାରି ରଖିଛି। ଧରାପଡ଼ିଥିବା ଗ୍ୟାଙ୍ଗ୍‌ରେ ଅଧିକାଂଶ ଯୁବତୀ ଓ ନାବାଳିକା ରହିଛନ୍ତି। ଏହି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ୬୦ ବର୍ଷର ବୃଦ୍ଧା ବୋଲି ପୋଲିସ ଚିହ୍ନଟ କରିଛି।

---

## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ବନ୍ତ,୧୧।୧୧(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ସରମରା ଗ୍ରାମର କୈଳାସ ପୁହାଣଙ୍କ ସାନପୁଅ ଅମିତ୍ (୨୪)ଙ୍କର ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଶନିବାର ରାତିରେ ଖାଇବା ପରେ ହଠାତ୍ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ରବିବାର କଟକ ସ୍ଥାନାନ୍ତର କରିଥିଲେ। କଟକ ଡାକ୍ତରଖାନାକୁ ନେବା ବେଳେ ଭଣ୍ଡାରିପୋଖରୀ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଅମିତ ମେକାନିକାଲ ଇଞ୍ଜିନିୟର ପଢ଼ା ସାରିବା ପରେ ଟାଟା ବ୍ଲାଷ୍ଟ ଫର୍ନେସରେ କାର୍ଯ୍ୟ କରୁଥିଲେ।

### ପ୍ରତିଭା ଅନ୍ୱେଷଣ

**ପଦ୍ମପୁର,୧୧।୧୧(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିରସ ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀଙ୍କ ପ୍ରତିନିଧି ବିମଳ କୁମାର ରାୟ, ଯୁବନେତା ନିରଞ୍ଜନ ଦାସ, ବ୍ଲକ ଯୁବ ବିଜେଡି ସଭାପତି ଭାବଗ୍ରାହୀ ନାୟକ, ସମ୍ପାଦକ ଦୀପକ ନାୟକ ଓ କୋଷାଧକ୍ଷ ଅରବିନ୍ଦ ସେନାପତି ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭା ଅନ୍ୱେଷଣ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରକୁ ମନୋନୀତ କରାଯାଇଥିଲା।

## ଶିକ୍ଷା ସଚେତନତା ଶୋଭାଯାତ୍ରା

**ବାସୁଦେବପୁର/ବନ୍ତ/ଭଣ୍ଡାରିପୋଖରୀ, ୧୧।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାସୁଦେବପୁର ସହରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରଧାନଶିକ୍ଷୟିତ୍ରୀ ମନୋରମା ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ମୌଲାନା ଅବୁଲ କାଲାମ ଆଜାଦଙ୍କ ଫଟୋ ସମ୍ବଳିତ ବ୍ୟାନର ଓ ପ୍ଲାକାର୍ଡ ଧରି ଶିକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ଶିକ୍ଷକ ନକୁଳ ମଲିକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବନ୍ତ ବ୍ଲକ ନିକୋଳ ଉଚ୍ଚ ବିଦ୍ୟାଳୟରେ ମୌଲାନା ଅବୁଲ କାଲାମ ଆଜାଦ୍‌ଙ୍କ ୧୩୧ତମ ଜୟନ୍ତୀ ଅବସରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ନିରାକାର ବେହେରାଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ସେନାପତି, ବସନ୍ତ କୁମାର ଜେନା, ପ୍ରଧାନଶିକ୍ଷକ ଶୋଭେନ୍ଦ୍ର କୁମାର ମାଝୀ, ଚିତ୍ରାବତୀ ବେହେରା, ଉପେନ୍ଦ୍ର ବିଶ୍ୱାଳ, ସନାତନ ନାୟକ, ଉପେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ଶିକ୍ଷା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ସରକାରୀ ଉନ୍ନୀତ ଉ.ପ୍ରା. ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ଧଳ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର ପ୍ରୀତିପୂର୍ଣ୍ଣା ଜେନା, ଇତିଶ୍ରୀ ଦ୍ୱିବେଦୀ, ସାଗର ସଙ୍ଗମ ବାରିକ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ଶିକ୍ଷକ ବିଭୁତି ଭୂଷଣ ମହାନ୍ତି, ନରେନ୍ଦ୍ର ସେଠୀ, ଧନେଶ୍ୱର ସାହୁ, ଗାୟତ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପିରିପୁର, ପଦିନାରାୟଣପୁର, ପୁରିପଡା, ଜଳମଣ୍ଡୁଆ, ବାରିକପୁର ପ୍ରମୁଖ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଥିଲା।

## ବାଗଦାଦ ସରିଫ ଅଭିମୁଖେ ଧାମନଗର ତୀର୍ଥଯାତ୍ରୀ

**ଧାମନଗର,୧୧।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଏନ୍‌ଏସିର କସାବ ମହଲା ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ, ମଦ୍ରାସା ଗୌସିୟାର ଅବସରପ୍ରାପ୍ତ ଶିକ୍ଷକ ସେକ୍ ଅବଦୁଲ ହକିମଙ୍କ ନେତୃତ୍ୱରେ ଏକ ତୀର୍ଥଯାତ୍ରୀ ଦଳ ଇରାକର ରାଜଧାନୀ ବାଗ୍‌ଦାଦ ଅଭିମୁଖେ ଯାତ୍ରା କରିଛନ୍ତି। ବାଗ୍‌ଦାଦର ବିଭିନ୍ନ ସ୍ଥାନରେ ଥିବା ମଜାର ସରିଫ ଦର୍ଶନ ନିମନ୍ତେ ବାହାରିଥିବାରୁ ତାଙ୍କୁ ଧାମନଗର ବଡବଜାର ଛକରେ ସମ୍ବର୍ଦ୍ଧନା ଦିଆଯିବା ସହ ଭଦ୍ରକ ରେଳ ଷ୍ଟେଶନ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଧାମନଗରର ହାକିମବାବୁ, ଦୋବଲ ମୁସ୍ତାପାପୁରର ସେକ୍ ଅବଦୁଲ ହକିମ ଉକ୍ତ ଦଳର ନେତୃତ୍ୱ ନେଇଛନ୍ତି। ତୀର୍ଥଯାତ୍ରୀ ଦଳ ବଡବଜାରରୁ ବାହାରି ଖାନ୍‌କା ସରିଫରେ ପହଞ୍ଚି ହୋଜୁର ମୁଜାହିଦ-ଇ-ମିଲତଙ୍କ ଦରବାରରେ ଫାତେହା ପାଠ କରିଥିଲେ। ଭଦ୍ରକ ରେଳ ଷ୍ଟେଶନରୁ ଖଡଗପୁର, ଖଡଗପୁରରୁ ମୁମ୍ବାଇ ରେଳଯାତ୍ରା କରି ସେଠାରୁ ବିମାନ ଯୋଗେ ଇରାକ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

## ୬ ବର୍ଷ ଧରି ବିବାଦ, ଛକାପଞ୍ଝା

**ଭଦ୍ରକ ଅଫିସ, ୧୧।୧୧**

ଭଦ୍ରକ ଜିଲା ଚରମ୍ପା ବଜାରସ୍ଥିତ ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍ଆର୍‌ଟିସି) କ୍ୟାମ୍ପସ ପରିସରରେ ୬ ବର୍ଷ ଧରି ମା’ କାଳୀଙ୍କ ପୂଜା ନେଇ ବିବାଦୀୟ ସ୍ଥିତି ଲାଗିରହିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରଶାସନଠାରୁ ଆବଶ୍ୟକ ସହଯୋଗ ନ ମିଳିବାରୁ ଚଳିତବର୍ଷ ପୂର୍ବବର୍ଷ ଭଳି ଭିନ୍ନ ଭିନ୍ନ ସ୍ଥାନରେ ପୂଜାକାର୍ଯ୍ୟ କରାଯାଉଛି। ବିବାଦୀୟ ଘଟଣାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ସ୍ଥିତି ଲାଗିରହିଥିବା ସୂଚନା ମିଳିଛି।

ପୂଜା କମିଟି ସଭାପତି ଚନ୍ଦ୍ରପ୍ରକାଶ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବାରିକ ପ୍ରମୁଖ କର୍ମକର୍ତ୍ତା ଗୁରୁବାର ଆହୁତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ଚରମ୍ପା ବଜାର କାଳୀପୂଜାର ଗୌରବମୟ ଐତିହ୍ୟ ରହିଛି। ଓଏସ୍ଆର୍‌ଟିସି କ୍ୟାମ୍ପସରେ ଆଗରୁ ପ୍ରତିବର୍ଷ କାଳୀପୂଜା କରାଯାଉଥିଲା। ଏହା ପୂଜା ମାହୋଲକୁ ଅଧିକ ସରସ ସୁନ୍ଦର କରୁଥିଲା। ଓଏସ୍ଆର୍‌ଟିସି ପରିସରକୁ ଲିଜ୍ ନେଇଥିବା ବ୍ୟକ୍ତି ଓ କାଳୀପୂଜା କରିଆସୁଥିବା କାଉଡିଆ ସଂଘ ମଧ୍ୟରେ ବିବାଦ ଦେଖାଦେବା ପରଠାରୁ ସ୍ଥିତି ବଦଳିଛି। ଏହି ବିବାଦକୁ ନେଇ କିଛିବର୍ଷ ଧରି ନ୍ୟାୟାଳୟ ଯାଏ କଥା ଯାଇଛି। ଚଳିତବର୍ଷ



ଖବରଦାତା ସମ୍ମିଳନୀରେ ପୂଜା କମିଟି କର୍ମକର୍ତ୍ତା।

**କାମ ଦେଲାନି ନ୍ୟାୟାଳୟ ନିର୍ଦ୍ଦେଶ**

- ଓଏସ୍ଆର୍‌ଟିସି ପୂଜା ବିବାଦ
- ଦୁଇଗୋଷ୍ଠୀ ମୁହାଁମୁହିଁ ସ୍ଥିତିରେ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ପ୍ରଶାସନ କାଉଡ଼ିଆ ସଂଘକୁ ସେଠାରେ ପୂଜା କରିବାକୁ ଅନୁମତି ଦେଇଥିଲେ। ପରେ ପ୍ରଶାସନ ଓ ପୋଲିସଠାରୁ ଆବଶ୍ୟକ ସହଯୋଗ ମିଳି ନ ଥିଲା। ବିଗତ ଦୁଇବର୍ଷ ଧରି ପ୍ରଶାସନିକ ସହଯୋଗ ନ ମିଳିବା କାରଣରୁ କାଉଡିଆ ସଂଘ ବାଧହୋଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲା। ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ କମିଟିର ସମ୍ପାଦକ ସଞ୍ଜୟ ବାରିକଙ୍କୁ ପୂଜା ପାଇଁ ଅନୁମତି ପ୍ରଦାନ କରିବାରୁ କମିଟିର କର୍ମକର୍ତ୍ତା ନିଗମ ପରିସରରେ ପହଞ୍ଚିଥିଲେ। କିନ୍ତୁ ନିଗମର ପ୍ଲଟକୁ ଲିଜ୍ ନେଇଥିବା ବ୍ୟକ୍ତି ସେମାନଙ୍କୁ ଉକ୍ତ ପରିସରକୁ ପୁରାଇ ଦେଇ ନ ଥିଲେ। ଏଥିଲାଗି ପୂଜାକାର୍ଯ୍ୟ କରିପାରି ନ ଥିବା କମିଟି କର୍ମକର୍ତ୍ତା ଖବରଦାତାଙ୍କୁ ଜଣାଇଥିଲେ। ଅନ୍ୟପକ୍ଷେ ଏହି ବିବାଦୀୟ ଘଟଣା ନେଇ ଦୁଇଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ଓ ଛକାପଞ୍ଝା ଲାଗିରହିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ କାଉଡିଆ ସଂଘକୁ ପୂଜା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଘଟଣାକୁ ନେଇ ଲାଗିଥିବା ବିବାଦର ସମାଧାନ ଦାୟିତ୍ୱ ପୋଲିସର ବୋଲି ସେ କହିଛନ୍ତି।

# କଳା ମୁଗୁନି ପଥର ଉପରେ ଲୋଲୁପ ଦୃଷ୍ଟି

ବଡ଼ସାହି,୧୧।୧୧(ସ୍ୱ.ପ୍ର.)



ବେଆଇନ୍ ପଥର ଖାଦାନ।

- ଉଜୁଡ଼ି ଯାଉଛି ଶିମିଳିପାଳ ସଂରକ୍ଷିତ ଜଙ୍ଗଲ
- ଦିନରାତି ଚାଲିଛି ପଥର ବ୍ଲାଷ୍ଟିଂ
- ୨୦୧୬ ତଦନ୍ତ ରିପୋର୍ଟ ନେଇ କାର୍ଯ୍ୟାନୁଷ୍ଠାନ ଅଧୁରା
- ଦିନକୁ ଦିନ ବଢ଼ି ଚାଲିଛି ଚୋରା ବେପାରୀଙ୍କ ରାଜ

ଶିମିଳିପାଳ ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ପାହାଡରେ ଭରି ରହିଛି କଳାମୁଗୁନି ପଥର। ବିଭିନ୍ନ କଳାକୃତି ନିର୍ମାଣ ଲାଗି ଉକ୍ତ ପଥର ଉପଯୋଗୀ ହେଉଥିବାରୁ ଏହାର ଭଲ ଚାହିଦା ରହିଛି। ଏଥିରେ ତିଆରି ହେଉଥିବା ବିଭିନ୍ନ ମୂର୍ତ୍ତି ଓ କଳାକୃତି ଦେଖିବାକୁ ବେଶ୍ ଚିକ୍କଣ, ସୁନ୍ଦର ଓ ମଜଭୁତ। ଏହା ଉପରେ ଚୋରା ପଥର ମାଫିଆଙ୍କ ଆଖି ପଡିବା ପରଠାରୁ ପ୍ରାକୃତିକ ସମ୍ପଦ ଉଜୁଡିବାରେ ଲାଗିଛି। ସେମାନେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବ୍ଲାଷ୍ଟିଂ କରି ମୂଲ୍ୟବାନ କଳା ମୁଗୁନିପଥର ଲୁଟି ନେଉଛନ୍ତି। କେତେକ ସ୍ଥାନରେ ପଥର ଫଟାଯାଇ ସେଥିରୁ ଚୋରାରେ ମେଟାଲ ଓ ଚିପସ୍ ପ୍ରସ୍ତୁତ କରାଯାଉଛି। ଏସବୁ ଲଘୁବନଜାତ ଦ୍ରବ୍ୟ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଛି। କଳାମୁଗୁନି ପଥର ଖନନ ଓ ଏହାର ଚୋରା ଚାଲାଣକୁ ପ୍ରଶାସନ ରୋକି ପାରୁ ନ ଥିବାରୁ ଦିନକୁ ଦିନ ବନାଞ୍ଚଳ ପରିବେଶ ସଙ୍କୁଚିତ ହେବାରେ ଲାଗିଛି। ଏଥିଲାଗି ବନ୍ୟପ୍ରାଣୀ ମଧ୍ୟ ବିପଦରେ ପଡୁଛନ୍ତି।

ଅଭୟାରଣ୍ୟ ପାଇଁ ବିପଦ ସାଜିଥିବା ପଥର ଖାଦାନଗୁଡିକୁ ବନ୍ଦ କରିବା ସକାଶେ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବିକରି ଆସୁଛନ୍ତି। ଏ ଦିଗରେ ପ୍ରଶାସନିକ ପ୍ରୟାସ ମଧ୍ୟ ଫେଲ୍ ମାରିଛି। ଶିମିଳିପାଳ ଜୈବ ମଣ୍ଡଳକୁ ଲାଗି ରହିଥିବା ମୟୂରଭଞ୍ଜ ଜିଲାର ବଡ଼ସାହି ତହସିଲ ଓ ଡୁକୁରା ରେଞ୍ଜ ଅଧୀନରେ ଥିବା ଯଦୁନାଥପୁର, ପୂର୍ଣ୍ଣଚନ୍ଦ୍ରପୁର, ଟଙ୍ଗାଶୋଳ ଓ ଗୁଡିଆଲବନ୍ଧ ପଞ୍ଚାୟତ ସଂଲଗ୍ନ ଇଲାକାରେ ଏବେ ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଇ କଳା ମୁଗୁନି ପଥର ଚାଲାଣ ହେଉଛି । ଅଭୟାରଣ୍ୟ କୋର୍ ଏରିଆ ଓ ସଂରକ୍ଷିତ ଜଙ୍ଗଲ ସଂଲଗ୍ନରେ ଥିବା ଭାଲୁପାଣି ଓ ଚଟାଣସାହି ସଂଲଗ୍ନ ଇଲାକାରେ ମଧ୍ୟ ଡିନାମାଇଟ ମାଧ୍ୟମରେ ପଥର ଫଟାଯାଇ ବାହାରକୁ ଚାଲାଣ କରାଯାଉଛି। ସେହିପରି ଦଳକିଶୋଳ, ଯଦୁନାଥପୁର, ବେଲଡୁଙ୍ଗୁରି, ଖଡିଆସାହି, ହାତୀକୋଟ ଆଦି ସ୍ଥାନର ନିକଟବର୍ତ୍ତୀ ପାହାଡରୁ ବେଧଡକ ଭାବେ ବ୍ଲାଷ୍ଟିଂ କରି ପଥର ଲୁଟି ନିଆଯାଉଛି। ଦିନରାତି ଏହି ଅଞ୍ଚଳ ଦେଇ ଶହ ଶହ ଟ୍ରିପ ପଥର ଚୋରା ଚାଲାଣ ହେଉଥିଲେ ବି ଏହାକୁ ରୋକାଯାଇ ପାରୁ ନାହିଁ ।

ଉଲ୍ଲେଖନୀୟ ଯେ, ୨୦୧୬ ସେପ୍ଟେମ୍ବରରେ ବନ ଓ ରାଜସ୍ୱ ବିଭାଗ ମିଳିତ ଭାବେ ବେଆଇନ ପଥର ଖାଦାନ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ । ଶିମିଳିପାଳ ସଂରକ୍ଷିତ ଜୈବ ମଣ୍ଡଳ ଓ ଆଖପାଖ ୧୦କିମି ବ୍ୟାସାର୍ଦ୍ଧ ଅଞ୍ଚଳରେ ବେଆଇନ ପଥର ଖାଦାନ ସାଙ୍ଗକୁ ୪ଟି କ୍ରଶର ଚାଲିଥିବା ଜଣାପଡିଥିଲା। ତଦନ୍ତ ରିପୋର୍ଟ ଭିତ୍ତିରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ପଥର ଖାଦାନଗୁଡିକୁ ବନ୍ଦ କରିବା ସକାଶେ ତତ୍କାଳୀନ ଡିଏଫ୍ଓ ଚିଠି ନମ୍ବର ୩୦୬୪/ତା ୨୨।୬।୨୦୧୬ରେ ବଡ଼ସାହି ତହସିଲକୁ ଚିଠି ପଠାଇଥିଲେ। ପରିବେଶ ଓ ଜାତୀୟ ବନ୍ୟପ୍ରାଣୀ ବୋର୍ଡ (ଏନ୍‌ବିଡବ୍ଲୁଏଲ୍)ମଞ୍ଜୁରୀ ବିନା ଚାଲିଥିବା ଖାଦାନଗୁଡିକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଥିଲା। ତଦନୁଯାୟୀ ତତ୍କାଳୀନ ତହସିଲଦାର ଓ ବନବିଭାଗ ସମସ୍ତ ଖାଦାନକୁ ବନ୍ଦ କରିବା ସକାଶେ ପ୍ରାରମ୍ଭିକ ପଦକ୍ଷେପ ନେଇଥିଲେ। ଯଦୁନାଥପୁର, ଚନ୍ଦନଚତୁରୀ ଓ ହାତୀକୋଟ ମୌଜା ନିକଟ ଏକାଧିକ ପ୍ଲଟରେ ଥିବା ଖାଦାନ ବନ୍ଦ କରାଯାଇ ୧୪୪ଧାରା ଜାରି କରାଯାଇଥିଲା। କିନ୍ତୁ ଏହାର କୌଣସି ପ୍ରଭାବ ମାଫିଆଙ୍କ ଉପରେ ପଡି ନ ଥିଲା। ୧୪୪ଧାରା ଜାରି ସତ୍ତ୍ୱେ ପରେ ପୂର୍ବଭଳି ପଥର ଚୋରି ଆରମ୍ଭ ହୋଇଥିଲା। ସରକାରୀ ଭାବେ ନିଲାମ ହୋଇଥିବା ଖାଦାନ ପାଇଁ ରାଜସ୍ୱ ଜମା ଦିଆଯାଉ ଥିଲେ ହେଁ କେତେକ ସ୍ଥାନରେ ଏଥିଲାଗି ପରିବେଶ ମଞ୍ଜୁରୀ ଓ ଅନ୍ୟ ଅନୁମତି ମିଳି ନ ଥିବା କୁହାଯାଉଛି। ପଥର ମାଫିଆମାନେ କେତେକ ଅଧିକାରୀଙ୍କୁ ହାତକରି କଳା ମୁଗୁନି ପଥର ଲୁଟି ନେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ଓ ରାଜସ୍ୱ ବିଭାଗ ପକ୍ଷରୁ କାଁ ଭାଁ ପଥର ଗାଡି ଜବତ କରି ଜରିମାନା ଆଦାୟ କରାଯିବା କାମ ଧର୍ମକୁ ଆଖିକୁ ଠାର ସଦୃଶ ବୋଲି ପରିବେଶବିତ୍ ବସନ୍ତ କୁମାର ମହାପାତ୍ର କହିଛନ୍ତି । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଅଞ୍ଚଳବାସୀ ଅନୁରୂପ ଅଭିଯୋଗ କରି କହିଛନ୍ତି ଯେ, ବନାଞ୍ଚଳରେ ଅବାଧ ପଥର ବ୍ଲାଷ୍ଟିଂ ଯୋଗୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି। ପାରିବେଶିକ ସନ୍ତୁଳନ ବିପର୍ଯ୍ୟସ୍ତ ହୋଇପଡୁଛି। ବନ୍ୟପ୍ରାଣୀ ଭୟଭୀତ ହୋଇ ଗାଁଗଣ୍ଡାକୁ ପଶି ଆସୁଛନ୍ତି। ଦିନରାତି ବିଭିନ୍ନ କ୍ରଶରରେ ପଥରକୁ ଗୁଣ୍ଡ କରି ଏଥିରୁ ଚିପ୍ସ, ବଜୁରି, ସାଇଜ ମେଟାଲ ଓ ପଥର ପ୍ରସ୍ତୁତ କରାଯାଇ ବାହାରକୁ ଚାଲାଣ କରାଯାଉଛି। ପ୍ରଶାସନିକ ଅଣଦେଖା ଯୋଗୁ ମାଫିଆଙ୍କ ରାଜ ବଢିଚାଲିଛି । ସରକାର ମଧ୍ୟ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଚଳିତ ସପ୍ତାହରେ ବେଲଡୁଙ୍ଗରୀ ଅଞ୍ଚଳରୁ କଳା ମୁଗୁନିପଥର ବୋଝେଇ ହୋଇ ଯାଉଥିବା ଦୁଇଟି ଡମ୍ଫରକୁ ବନ ବିଭାଗ ଜବତ କରି ଗୋଟିଏ ଡମ୍ଫରରୁ ୫୧ହଜାର ୧୭୦ଟଙ୍କା ଜରିମାନା ଆଦାୟ କରିଥିବା ବେଳେ ଅନ୍ୟ ଏକ ଟ୍ରକକୁ ବିନା ଜରିମାନାରେ ଛାଡି ଦିଆଯାଇଛି। ଉକ୍ତ ଡମ୍ଫର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତାଙ୍କ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୟୂରଭଞ୍ଜ ଡିଏଫ୍ଓ ସ୍ୱୟମ୍ ମଲ୍ଲିକଙ୍କୁ ପଚାରିବାରୁ କହିଛନ୍ତି, ପଥର ଚୋରା ଚାଲାଣ କରୁଥିବା ଯାନବାହନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖୁବଶୀଘ୍ର ପୋଲିସ ଆରକ୍ଷୀ ଅଧୀକ୍ଷକ ଓ ବନବିଭାଗ ପକ୍ଷରୁ ମିଳିତ ଚଢାଉ କରାଯିବା ସହ ବେଆଇନ ଖାଦାନ ବନ୍ଦ କରାଯିବାକୁ ଗୁରୁତ୍ୱାରୋପ କରାଯାଇଛି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।









@ ତୁଷାର



@ କମଲ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ୩ ବଖରା ଜଳିଗଲା

**ବିଶୋଇ,୧୧।୧୧:** ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ତଲକବାଦୀ ଗ୍ରାମର ଦଳକିସାହିରେ ରବିବାର ୨ ପରିବାରର ୩ ବଖରା ଘର ପୋଡି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ରବିବାର ସକାଳ ସମୟରେ କୌଣସି କାରଣରୁ ସୁନାରାମ ଓ ଉଦୟ ମୁର୍ମୁଙ୍କ ଚାଳ ଘରେ ନିଆଁ ଲାଗିଯାଇଥିଲା। ଖବରପାଇ ବିଶୋଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସୁନାରାମ ମୁର୍ମୁଙ୍କ ଘର ମଧ୍ୟରେ ଥିବା ୧୦ ବସ୍ତା ଧାନ, ଚାଉଳ,ଲୁଗା ପଟା ,୨ ଟି ସାଇକେଲ,୧୦ ହଜାର ଟଙ୍କା ନଗଦ ରାଶି ସମେତ ସମସ୍ତ ଜରୁରୀ କାଗଜପତ୍ର ନିଆଁ ଲାଗି ନଷ୍ଟ ହୋଇଯାଇଛି। ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହେବାର ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ୨ ପରିବାର ଗରୀବ ଶ୍ରେଣୀର ହୋଇଥିବା ହେତୁ ଏମାନଙ୍କୁ ଆର୍ଥିକ ସହାୟତା ପାଇଁ ସ୍ଥାନୀୟବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

### ଠାକୁରମୁଣ୍ଡା ବ୍ଲକ ନୂତନ ଶିକ୍ଷକ ସଂଘ ଗଠିତ

**ଠାକୁରମୁଣ୍ଡା,୧୧।୧୧(ଡି.ଏନ.ଏ.):** ଠାକୁରମୁଣ୍ଡା ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ଶନିବାର ଠାକୁରମୁଣ୍ଡା ନିକଟ ଖଳିଆରୀଶାଳ ପ୍ରାଙ୍ଗଣରେ ଶିକ୍ଷକ ସବିତ୍ କାନ୍ତ ସୋରେନଙ୍କ ସଭାପତିତ୍ୱରେ ଠାକୁରମୁଣ୍ଡା ବ୍ଲକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ ସବିତ୍ କାନ୍ତ ସୋରେନ,କାର୍ଯ୍ୟକାରୀ ସଭାପତି ନଳରାଜ ସେଠୀ, ଉପସଭାପତି ଭାବେ ନୟନ କୁମାର ପଣ୍ଡା, କର୍ଣ୍ଣ କୁମାର ରାଜ, ରୁଦ୍ରବଲ୍ଲବ ମହାନ୍ତ, ପ୍ରଦ୍ୟୁମ୍ନ କୁମାର ବାରିକ୍, ରବୀନ୍ଦ୍ର କୁମାର ପତି, ତପନ କୁମାର ପଣ୍ଡା, ନରହରି ନାଏକ, ସହସମ୍ପାଦକ ଚକ୍ରଧର ସାହୁ, ସଙ୍ଗଠକ ଓ ଅଫିସ ପରିଚାଳନା ପ୍ରଫୁଲ୍ଲ କୁମାର ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କ ସମେତ ରାଜ୍ୟ ଜିଲା ଓ ଉପଦେଷ୍ଟା ଭାବେ ଶିକ୍ଷକ ମାନଙ୍କୁ ଚୟନ କରାଯାଇଥିବା ନେଇ ସମ୍ପାଦକ ରବୀନ୍ଦ୍ର କୁମାର ବାରିକ୍ ସୂଚନା ଦେଇଥିଲେ । ଏଥିରେ ବ୍ଲକର ନିୟମିତ ଶିକ୍ଷକ, ଶିକ୍ଷାସହାୟକ, ଜିଲା ପରିଷଦ ଶିକ୍ଷୟତ୍ରୀଶିକ୍ଷକ ମାନେ ଉପସ୍ଥିତ ଥିଲେ ।

### ସଚେତନତା ଲାଗି ପଦଯାତ୍ରା

**ଠାକୁରମୁଣ୍ଡା,୧୧।୧୧(ଡି.ଏନ.ଏ.):** ବିଶ୍ୱ ଶୌଚାଳୟ ଦିବସ ଅବସରରେ ଗ୍ରାମୀଣ ସ୍ୱଚ୍ଛତା ମିଶନ ଆନୁକୂଲ୍ୟରେ ଶନିବାର ଦିଗଧର ପଞ୍ଚାୟତର ସୁନିନ୍ଦା ଗ୍ରାମରେ ଶୌଚାଳୟ ବ୍ୟବହାର ନିମନ୍ତେ ଏକ ସଚେତନତା ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ମହିଳା ଓ ସ୍କୁଲ ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ଥିବା ବିଭିନ୍ନ ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରିଥିଲେ ।

■ ପଲିଫେଷ୍ଟ-୨୦୧୮

# ସାମିଲ ହେଲେ ୪୦୦ ଛାତ୍ରୀଛାତ୍ର

ବାରିପଦା ଅଫିସ,୧୧।୧୧

ବାରିପଦା ଉପକଣ୍ଠ ଲକ୍ଷ୍ମୀପୋଷି ସ୍ଥିତ ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ ଏବଂ ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ପଲିଫେଷ୍ଟ-୨୦୧୮ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ଟି ଜିଲାର ୧୯ ଅନୁଷ୍ଠାନରେ ଅଧ୍ୟୟନରତ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହରେ ବାଲେଶ୍ୱର ସରକାରୀ ପଲିଟେକ୍‌ନିକର ଅଧ୍ୟକ୍ଷ ଇଂ ଅଭୟ କୁମାର ମଲିକ ମୁଖ୍ୟ ଅତିଥି, ମୟୂରଭଞ୍ଜ ସରକାରୀ ପଲିଟେକନିକର ଅଧ୍ୟକ୍ଷ ଇଂ ଚିନ୍ମୟ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ଚାମ୍ପିୟନ ଭାବେ ଯଥାକ୍ରମେ କବାଡି ପ୍ରତିଯୋଗିତାର ବାଳକ ବିଭାଗର ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ, ବାଳିକା ବିଭାଗରେ ଡିଭାଇନ। ଭଲିବଲ ପ୍ରତିଯୋଗିତାର ବାଳକ ବିଭାଗରେ ବାଲେଶ୍ୱର ସ୍କୁଲ ଅଫ ଇଞ୍ଜିନିୟରିଂ, ଫୁଟବଲ ପ୍ରତିଯୋଗିତାରେ ସୀମା ଇଞ୍ଜିନିୟରିଂ କଲେଜ, ଖୋଖୋ ପ୍ରତିଯୋଗିତାରେ ବାଳକ ବିଭାଗରେ ରମାରାଣୀ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ବାଳିକା ବିଭାଗରେ ଡିଭାଇନ ପ୍ରମୁଖ ଚାମ୍ପିୟନ ହୋଇଥିଲେ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଜାତୀୟ ଶିକ୍ଷା ଦିବସ ପାଳିତ

ଖୁଣ୍ଟା,୧୧।୧୧

ଖୁଣ୍ଟା ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ରବିବାର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ୧୨୭ ତମ ଜନ୍ମ ବାର୍ଷିକ ଅବସରରେ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ମିଳିତ ଭାବେ ବିଦ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଖୁଣ୍ଟା ବଜାର ପରିକ୍ରମା କରିବା ସହିତ ବଙ୍ଗଳଛକ ଠାରେ ପହଞ୍ଚି ବିଦ୍ୟାଳୟକୁ ଫେରିଥିଲେ। ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଜାତୀୟ ଶିକ୍ଷକ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେବା ସହିତ ମୌଲାନା ଆଜାଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ ।

# ୧୪ରେ ଉଦଳା ଆସୁଛନ୍ତି ପିସିସି ସଭାପତି

ଉଦଳା,୧୧।୧୧(ଡି.ଏନ.ଏ.)

ଆସନ୍ତା ୧୪ ତାରିଖରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକ ଉଦଳା ଗସ୍ତରେ ଆସୁଥିବା ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଯଜ୍ଞନାରାୟଣ ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ନିରଞ୍ଜନ ପଟ୍ଟନାୟକ ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଉଦଳା ନିର୍ବାଚନମଣ୍ଡଳୀକୁ ପ୍ରଥମ ଗସ୍ତ । ଏହି ଗସ୍ତ କାର୍ଯ୍ୟକ୍ରମରେ ସେ ଏକ ଜନଜାଗରଣ ଯାତ୍ରାରେ ଯୋଗ ଦେବେ। ସୂଚନାଯୋଗ୍ୟଯେ, କପ୍ତିପଦା ବ୍ଲକ ଅଧୀନରେ ଥିବା ନୂଆସାହି ବିରାପାନ ପଡିଆ ଠାରେ ସେ ଏହି ଜନଜାଗରଣ ଯାତ୍ରାର ଶୁଭାରମ୍ଭ କରିବେ ବୋଲି ଜଣାପଡିଛି । ପିସିସି ସଭାପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା କଂଗ୍ରେସ୍ ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ଉପସଭାପତି ଦୁର୍ଗାଚରଣ ଗୁଡୁ, ସମ୍ପାଦକ ଉତ୍ତମ କୁମାର ବେହେରା, ରବିନାରାୟଣ ପରିଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ନେତ୍ରୀ ଶୋଭାରାଣୀ ଦାସ, ଅନୁରେଖା ବଳିଆର ସିଂଙ୍କ ସମେତ ବହୁ ନେତୃବର୍ଗ ଯୋଗ ଦେଇଥିଲେ । ପିସିସି ସଭାପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା।

# ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ

ବାରିପଦା ଅଫିସ,୧୧।୧୧

**ବ୍ରଜ ସୁନ୍ଦର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

ମୟୂରଭଞ୍ଜ ଭେଟେରାନ ସ୍ପୋର୍ଟସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ବାରିପଦା ଷ୍ଟେଶନ ଆଥ୍‌ଲେଟିକ ଖେଳପଡ଼ିଆଠାରେ ୧୮ତମ ବ୍ରଜ ସୁନ୍ଦର ମୋମୋରିଆରଲ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାରିପଦା ସହରର ୧୦ଟି ଉଚ୍ଚ ବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଥିଲା। ପ୍ରଥମ ସେମିଫାଇନାଲରେ ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ ୧/୦ରେ ବନଦୁର୍ଗା ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରିଥିଲା। ଦ୍ୱିତୀୟ ସେମୀଫାଇନାଲରେ ରଙ୍ଗରାଇ ବିଦ୍ୟାପୀଠ ୧/୦ରେ ରାଜାବସା ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ ଟାଇବ୍ରେକର ୨/୧ରେ ରଙ୍ଗରାଇ ବିଦ୍ୟାପୀଠକୁ ପରାସ୍ତ କରିଥିଲା। ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ ଚାମ୍ପିୟନ ହୋଇ ଟ୍ରଫି ସହିତ ୩ହଜାର ଟଙ୍କା ଏବଂ ରଙ୍ଗରାଇ ବିଦ୍ୟାଳୟ ବିଦ୍ୟାପୀଠ ରନର୍ସଅପ ହୋଇ ଟ୍ରଫି ସହିତ ୨ହଜାର ଟଙ୍କା ପାଇ ଥିଲେ।

ଟୁର୍ନାମେଣ୍ଟରେ ରେଫରୀ ରୂପେ ଭବତୋଷ ରଣା, ଜଗତ ମାଝୀ, ଅଜିତ ହାସଁଦା, ଜିତବାନ ସିଂ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଦୀନବନ୍ଧୁ ସିଂ ଓ ସମ୍ପାଦକ ବନବିହାରୀ ମତଗଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବିଜନ କୁମାର ଥମ୍ବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ଏଥିରେ ମୁଖ୍ୟବକ୍ତା, ଷ୍ଟେଶନ ଆଥଲେଟିକ ଆସୋସିଏଶନର ସମ୍ପାଦକ ଶିବଶଙ୍କର ପଟ୍ଟନାୟକ, କୋଷାଧ୍ୟକ୍ଷ ବିନୋଦ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟୁଷ ମହାନ୍ତ, ପ୍ରଦୀପ ପଟ୍ଟନାୟକ, ନିରଞ୍ଜନ ସାହୁ, ସରୋଜ କୁମାର ମହାନ୍ତି, ନିରୂପମା ଦାସ, ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଦଳ ସହ ଅତିଥି ବୃନ୍ଦ।

# 'କଳା ସଂସ୍କୃତି ସମାଜ ଗଠନରେ ସହାୟକ ହେବ'

ବାରିପଦା ଅଫିସ,୧୧।୧୧



ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ କୃତୀ କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

- ୫୦୦ କଳାକାରଙ୍କୁ ନେଇ ଜିଲାସ୍ତରୀୟ ଯୁବ ଉତ୍ସବ
- ଲୋକନୃତ୍ୟରେ ଚିତ୍ରଡାର ଦକ୍ଷିଣସାହି ଛଉ ନୃତ୍ୟ ପ୍ରତିଷ୍ଠାନ, ଲୋକ ସଙ୍ଗୀତରେ ବାରିପଦାର ହରିହର କଳାମନ୍ଦିର, ଓଡ଼ିଶୀ ନୃତ୍ୟରେ କରଞ୍ଜିଆର ଭାଗ୍ୟଶ୍ରୀ ପ୍ରଥମ

ମୟୂରଭଞ୍ଜ ଜିଲାର ଲୋକକଳା, ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ନିଆରା। ଯୁବ କଳାକାରମାନେ ଆଗେଇ ଆସିଲେ କଳା ସଂସ୍କୃତିର ବିକାଶ ସମ୍ଭବ ।ଏହା ସମାଜର ଗଠନରେ ସହାୟକ ହୋଇପାରିବ ବୋଲି ଏଠାରେ ଆୟୋଜିତ ଜିଲା ସ୍ତରୀୟ ଯୁବ ଉତ୍ସବରେ ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଅଧିକ କଳାକାର ଏହି ଯୁବ ଉତ୍ସବରେ ଯୋଗ ଦେଇଥିଲେ।

ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଆୟୋଜିତ ଦୁଇ ଦିନିଆ ଜିଲାସ୍ତରୀୟ ଯୁବ ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଜିଲା କ୍ରୀଡା ବିଭାଗ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ସଭାରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ଉତ୍ସବ ଆୟୋଜନର ଲକ୍ଷ୍ୟ , ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ସଂସ୍କୃତି ସମ୍ପନ୍ନ ମୟୂରଭଞ୍ଜ ଜିଲାର କଳା ସଂସ୍କୃତକୁ ଉଜ୍ଜୀବିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଯାପନୀ ଉତ୍ସବରେ ଜିଲାପାଳ ବିନିତ କୁମାର ଭରଦ୍ୱାଜ ମୁଖ୍ୟଅତିଥି ଏବଂ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ପିଏଆଇଟିଡିଏ ବିଜନ କୁମର ଥମ୍ବ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ।

ଉତ୍ସବରେ ଦୁଇଦିନ ଧରି ଲୋକନୃତ୍ୟ, ଲୋକ ସଙ୍ଗୀତ, ଏକକ ନାଟ୍ୟ, ଅଭିନୟ, ଓଡ଼ିଶୀ ନୃତ୍ୟ, କ୍ଲାସିକାଲ ଭୋକାଲ ଓ ବାଦ୍ୟଯନ୍ତ୍ର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଯୁବ ପ୍ରତିଭାମାନଙ୍କୁ ଉଦ୍‌ଯାପନୀ ସଭାରେ ପୁରସ୍କୃତ କରାଯାଇଥିଲା। ଲୋକନୃତ୍ୟରେ ଚିତ୍ରଡାର ଦକ୍ଷିଣସାହି ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରଥମ, ବାରିପଦା ପିସିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଏବଂ ଏକତାଲୀ ଯଶୀପୁର ରାଜରାମ ଛଉ ନୃତ୍ୟ ପ୍ରତିଷ୍ଠାନ ତୃତୀୟ ସ୍ଥାନ ଅଧିକାର କରିଥିଲା। ଲୋକ ସଙ୍ଗୀତରେ ବାରିପଦାର ହରିହର କଳାମନ୍ଦିର ପ୍ରଥମ, କରଞ୍ଜିଆର ଲକ୍ଷ୍ମୀନାରାୟଣ ଗ୍ରୁପ ଦ୍ୱିତୀୟ ଏବଂ ଖଣ୍ଟା ବ୍ଲକର ଧରଣୀଧର କଳା ପରିଷଦ ତୃତୀୟ, ଏକକ ନାଟ୍ୟ ଅଭିନୟରେ ବାରିପଦା ଆନନ୍ଦମୟୀ ଆଣ୍ଡ ଗ୍ରୁପ ପ୍ରଥମ, ବିଶ୍ୱଜିତ ମହାପାତ୍ର ଆଣ୍ଡ ଗ୍ରୁପ ଦ୍ୱିତୀୟ ଏବଂ କପ୍ତିପଦାର ରାଜକିଶୋର ବେହେରା ଆଣ୍ଡ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଶୀ ନୃତ୍ୟରେ କରଞ୍ଜିଆର ଭାଗ୍ୟଶ୍ରୀ ସୁମନ ଓତା ପ୍ରଥମ ହୋଇଥିବା ବେଳେ ଚିନ୍ମୟ ମହାନ୍ତି ଦ୍ୱିତୀୟ ଓ ନୂପର ମଣ୍ଡଳ ତୃତୀୟ ହୋଇଥିଲେ। ତବଲାରେ ଆର୍ଯ୍ୟଦତ୍ତ ମିଶ୍ର ୧ମ, ଅବିନାଶ ପତି ୨ୟ , ହାରମୋନିୟମରେ ବିଶ୍ୱଜିତ ସ୍ୱାଇଁ ୧ମ, ତାରାପଦ ସିଂ ୨ୟ ଏବଂ ସୁଚିସ୍ମିତା ନାଏକ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବକ୍ତୃତାରେ ରୋହିମା ନେସା ପ୍ରଥମ, ଅପର୍ଣ୍ଣା ସିଂ ଦ୍ୱିତୀୟ ଏବଂ ଆକାଂକ୍ଷା ସିଂ ତୃତୀୟ , କ୍ଲାସିକାଲ ଭୋକାଲରେ ବାରିପଦାର ଶୁକଦେବ ପ୍ରଧାନ, ବିଶ୍ୱଜିତ ସ୍ୱାଇଁ ଦ୍ୱିତୀୟ ଏବଂ କରଞ୍ଜିଆର ସଙ୍ଗିତା ବିନ୍ଧାଣି ତୃତୀୟ , ମୃଦଙ୍ଗରେ ଚନ୍ଦନ କୁମାର ଦାସ ୧ମ,ବିଶ୍ୱନାଥ ପାତ୍ର ୨ୟ ଏବଂ ହରେକୃଷ୍ଣ ଦାସ ୩ୟ ସ୍ଥାନ ଅଧିକାର କରିଥିଲେ। ଏସବୁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବିଜେତା ଯାଜପୁର ଜିଲାରେ ଆସନ୍ତା ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବେ । କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ କୁମାର ରଞ୍ଜନ ପଣ୍ଡା ମଞ୍ଚ ସଞ୍ଚାଳନା କରିଥିଲେ।

# ୨ବର୍ଷର ଶିଶୁପୁତ୍ରକୁ ଚୋରି କରି ମହିଳା ଚମ୍ପଟ

**ବାରିପଦା ଅଫିସ,୧୧।୧୧–** ମୟୂରଭଞ୍ଜ ଜିଲା ବାରିପଦା ସହର ୧୬ନମ୍ବର ୱାର୍ଡ ଅଧୀନ ପ୍ୟାରେଡ ପଡ଼ିଆ ଅଞ୍ଚଳରୁ ସେକ ରାହାଜିର ନାମକ ଜଣେ ବ୍ୟକ୍ତିଙ୍କ ୨ବର୍ଷରୁ ଶିଶୁ ପୁତ୍ରକୁ ଅପହରଣ କରି ନିଆଯାଇଥିବା ସ୍ଥାନୀୟ ଟାଉନ ଥାନାରେ ରବିବାର ଅଭିଯୋଗ ହୋଇଛି। ବାହାର ଅଞ୍ଚଳର ଜଣେ ମହିଳା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ସେକ ରାହାଜିରଙ୍କ ସ୍ତ୍ରୀଙ୍କ ସହ ସମ୍ପର୍କ ସୃଷ୍ଟି କରି ତାଙ୍କ ଘରକୁ ଆସି ଶିଶୁପୁତ୍ରକୁ ବୁଲାଇନେବା ବାହାନାରେ ନେଇ କେଉଁଆଡ଼େ ଚାଲିଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ଅପହୃତ ଶିଶୁ ପୁତ୍ର ଏବଂ ସମ୍ପୃକ୍ତ ମହିଳାଙ୍କୁ ଠାବ କରିବାକୁ ଉଦ୍ୟମ କରୁଛି ବୋଲି ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ବାରିପଦା ସହରରେ ଏହି ଶିଶୁ ଚୋରି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।

ପ୍ୟାରେଡପଡ଼ିଆ ଅଞ୍ଚଳରେ ରହୁଥିବା ସେକ ରାହାଜିରଙ୍କ ପତ୍ନୀ ଗତ ଶନିବାର ତାଙ୍କ ୨ବର୍ଷର ଶିଶୁ ପୁତ୍ର ଏମଡି ରେହେବରଙ୍କୁ କୃମି ଔଷଧ ଦେବା ଲାଗି ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲକୁ ସାଥୀରେ ନେଇଯାଇଥିଲେ। ମେଡିକାଲ ପରିସରରେ ଏହି ମହିଳାଙ୍କ ସହିତ ତାଙ୍କର ଭେଟ ହୋଇଥିଲା। ସେ ତାଙ୍କ ଶିଶୁ ପୁତ୍ରକୁ କୃମି ଔଷଧ ଦେବାରେ ସହଯୋଗ କରିଥିଲେ। ଏନେଇ ସେମାନଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ପରେ ମହିଳା ଜଣଙ୍କ ସେକ ରାହାଜିରଙ୍କ ଘରକୁ ମଧ୍ୟ ଆସିଥିଲେ। ଘର ଲୋକଙ୍କ ମନ ଜିଣିବା ପାଇଁ ସାଥୀରେ ଚକୋଲେଟ, କଦଳୀ ଆଦି କେତେକ ସାମଗ୍ରୀ ଆଣିଥିଲେ। ସେ ଘରେ ରହି ଖିଆପିଆ କରିଥିଲେ। ରବିବାର ସନ୍ଧ୍ୟାରେ ଶିଶୁପୁତ୍ରକୁ ବୁଲେଇ ନେବା ବାହାନାରେ କିଛି ଦୂରକୁ ଯାଇ ମହିଳା ଜଣଙ୍କ ଆଉ ଘରକୁ ଫେରି ନ ଥିଲେ। ଶିଶୁପୁତ୍ରଙ୍କୁ ଅପହରଣ କରିନିଆଯାଇଛି ବୋଲି ଜଣାପଡ଼ିବାରୁ ସେକ ରାହାଜିର ଟାଉନ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଶିଶୁପୁତ୍ରକୁ ଚୋରି କରି ମହିଳା ଜଣଙ୍କ ବୈଶିଙ୍ଗା ଅଞ୍ଚଳ ଆଡ଼କୁ ଚାଲିଯାଇଥିବା ପୋଲିସ ଅନୁମାନ କରୁଛି ବୋଲି ଥାନା ଅଧିକାରୀ କହିଛନ୍ତି। ମେଡିକାଲ ପରିସରରୁ ଘରକୁ ଆସି ବନ୍ଧୁତା ଜମାଇଥିବା ଏହି ମହିଳା ଜଣଙ୍କ ତାଙ୍କ ନାମ ଅଞ୍ଜନା ମହାନ୍ତ ବୋଲି କହିଥିବା ରାହାଜିରଙ୍କ ପରିବାର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଓ ଗୁଟ୍‌ଖା ଜବତ: ବ୍ୟବସାୟୀ ଗିରଫ

**ବାରିପଦା ଅଫିସ,୧୧।୧୧–** ମୟୂରଭଞ୍ଜ ଜିଲାର ବାରିପଦା ସହରରେ ଦୀର୍ଘ ଦିନ ଧରି ଚାଲିଥିବା ବେଆଇନ ନକଲି ଜର୍ଦ୍ଦା ଓ ଗୁଟ୍‌ଖା କାରବାର ପଦାକୁ ଆସିଛି। ବାରିପଦା ଟାଉନ ଅର୍ନ୍ତଗତ ୨୮ନମ୍ବର ୱାର୍ଡ କରତବସା ଅଞ୍ଚଳର ବ୍ୟବସାୟୀ ଅଶୋକ ଘୋଷ ନିଜ ଘରେ ବିପୁଳ ପରିମାଣର ଜର୍ଦ୍ଦା ଓ ଗୁଟ୍‌ଖା ରଖି ବ୍ୟବସାୟ କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ରବିବାର ଗିରିଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଏହି ସୂଚନା ଦେଇ କହିଛି ଯେ, ଅଶୋକ ଦୀର୍ଘ ଦିନ ଧରି ବେଆଇନ ଭାବେ ଏହି ନକଲି ଜର୍ଦ୍ଦା ଏବଂ ଗୁଟଖା ବ୍ୟବସାୟ କରି ଆସୁଥିଲେ। ସୂଚନା ମିଳିବା ପରେ ସଦର ଏସଡିପିଓ ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ବାରିପଦା ଟାଉନ ପୋଲିସ ତାଙ୍କ ଘରେ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧କୁଇଣ୍ଟାଲରୁ ଅଧିକ ପରିମାଣରେ ନକଲି ଜର୍ଦ୍ଦା ଏବଂ ଗୁଟ୍‌ଖା ଜବତ ହୋଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଅଧିକ ହେବ । ଏହି ବ୍ୟବସାୟରେ ବ୍ୟବହୃତ ହେଉଥିବା ଏକ ମାରୁତି ଭ୍ୟାନ (ଓଆର ୦୫କେ ୨୫୦୫)କୁ ପୋଲିସ ଜବତ କରିଛି। ବାରିପଦାକୁ କେଉଁ ଅଞ୍ଚଳରୁ ଏହି ନକଲି ଜର୍ଦ୍ଦା ଓ ଗୁଟ୍‌ଖା ଆସୁଥିଲା ଏବଂ କେଉଁସବୁ ଅଞ୍ଚଳକୁ ଚାଲାଣ ହେଉଥିଲା ସେନେଇ ଅଧିକ ତଦନ୍ତ ଜାରି ରହିଛି । ଅନ୍ୟପକ୍ଷେ ଏଭଳି କାରବାର ପଛରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେସବୁ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଥିବା ପୋଲିସ ସୂଚନା ଦେଇଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସ୍କର୍ପିଓ ଡ୍ରାଇଭର ଗିରଫ

**ଚମ୍ପୁଆ, ୧୧।୧୧(ଡି.ଏନ.ଏ.):** ବାସୁଦେବପୁର ନିକଟରେ ଘଟିଥିବା ଏକ ଦୁର୍ଘଟଣାରେ ସ୍କର୍ପିଓ ଡ୍ରାଇଭରଙ୍କୁ ରବିବାର ଚମ୍ପୁଆ ଆଇଆଇସି ସୁମିତ କୁମାର ସୋରେନ ଗିରଫ୍ କରି କୋର୍ଟ ଚାଲାଣ କରିଛନ୍ତି। ଡ୍ରାଇଭର ଜଣଙ୍କ ହେଲେ ଯୋଡ଼ା ହୁଡିସାହିର ରଣଜିତ୍ ବେହେରାଙ୍କ ପୁଅ ଟୁନା ବେହେରା। ୯ ତାରିଖରେ ଟୁନା ଗାଡି ନେଇ ଯୋଡାରୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ଝୁମ୍ପୁରା ଥାନା ଭାଲୁକା ଗ୍ରାମର ବିବେକାନନ୍ଦ ପ୍ରଧାନ(୨୩)ଙ୍କୁ ଧକ୍କା ତାଙ୍କ ଗାଡି ଧକ୍କା ହୋଇଥିଲା। ଫଳରେ ବିବେକାନନ୍ଦଙ୍କ ମୃତ୍ୟୁ ଘଟିଥିଲା।

### ପାଞ୍ଚପୋଖରିଆରୁ ଶିଶୁ ଉଦ୍ଧାର

**ଚମ୍ପୁଆ, ୧୧।୧୧(ଡି.ଏନ.ଏ.):** ପଶ୍ଚିମ ସିଂହଭୂମି ଜିଲା କୁନ୍ଦୁରୁଝର ଗ୍ରାମର ଜଣେ ଶିଶୁଙ୍କୁ ରବିବାର ପୋଲିସ ଉଦ୍ଧାର କରିଛି। ପରେ ତାଙ୍କୁ କେନ୍ଦୁଝର ଶିଶୁ ସୁରକ୍ଷା ବିଭାଗକୁ ପଠାଇ ଦିଆଯାଇଛି। ଶିଶୁ ଜଣଙ୍କ ପ୍ରଥମେ ପାଞ୍ଚପୋଖରିଆ ଗାଁକୁ ଚାଲି ଆସିଥିଲେ। ସେ କିଛି କହି ପାରୁ ନ ଥିଲେ। ଗାଁ ଲୋକେ ପୁଲିସକୁ ଖବର ଦେଇଥିଲେ। ଚମ୍ପୁଆ ପୁଲିସ ପହଞ୍ଚି କେନ୍ଦୁଝର ଶିଶୁ ସୁରକ୍ଷା ବିଭାଗକୁ ଯୋଗାଯୋଗ କରିଥିଲା। ଶିଶୁ ସୁରକ୍ଷା କର୍ମକର୍ତ୍ତା ରାହାସ ବିହାରୀ ମହାନ୍ତ ଆସି ଶିଶୁକୁ ଉଦ୍ଧାର କରି କେନ୍ଦୁଝର ନେଇଛନ୍ତି ବୋଲି ଚମ୍ପୁଆ ଥାନା ଆଇଆଇସି ସୁମିତ କୁମାର ସୋରେନ କହିଛନ୍ତି।

### ପୋଲିସକୁ ଗାଳି ଦେଇ ଯୁବକ ଗିରଫ

**କେନ୍ଦୁଝର, ୧୧।୧୧(ସ୍ୱ.ପ୍ର.):** କେନ୍ଦୁଝର ସହରରେ ଟ୍ରାଫିକ୍ ନିୟମ ପାଳନ ନ କରି ଏବଂ ପୋଲିସକୁ ଗାଳି ଚାଳନା କରି କ୍ଷୀପ୍ରଗତିରେ ବାଇକରେ ଚାଲି ଯାଉଥିବ ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ପ୍ରଭାତ ମଲ୍ଲିକ। ତାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଯାଞ୍ଚ ବେଳେ ସେ ଜଣେ ବାଇକ ଚୋରା ବୋଲି ପୋଲିସ ଜାଣିବାକୁ ପାଇଥିଲା। ଅଧିକ ତଦନ୍ତ କରିବା ବେଳେ ତାଙ୍କ ନାମରେ ଟାଉନ ଥାନାରେ ବିଭିନ୍ନ କେସ ରହିଥିବା ଜଣାଯାଇଛି। ସେ ପୋଲିସ ଆଖିରେ ଧୂଳି ଦେଇ ବୁଲୁଥିଲେ। ଗିରଫ ବେଳେ ତାଙ୍କଠାରୁ ୫ଟି ବାଇକ୍, ୨ଟି ଲ୍ୟାପଟପ, ରୁପା ଗହଣା, କାର ଚାବି, ମୋବାଇଲ ପୋଲିସ ଜବତ କରିଛି।

### ସିସି କ୍ୟାମେରା ନଜରରେ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର

**ଘସିପୁରା, ୧୧।୧୧-** ଆନନ୍ଦପୁରର ଆରାଧ ଦେବତା ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ରବିବାର ସିସି କ୍ୟାମେରା ଲଗାଯାଇଛି। ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରେ ବିଭିନ୍ନ ସମୟରେ ଠାକୁରଙ୍କ ମୂଲ୍ୟବାନ ଜିନିଷ ଚୋରି ହେବା ସହ ମନ୍ଦିର ପରିସରରେ ଥିବା ମୂଲ୍ୟବାନ ଚନ୍ଦନ ଗଛ ଚୋରି ହୋଇଥିବା ନଜିର ରହିଛି। ଏହି ସବୁ ଘଟଣାକୁ ଆଖି ଆଗରେ ରଖି ମନ୍ଦିର କମିଟି ପକ୍ଷରୁ ମନ୍ଦିର ପରିସରରେ ୪ଟି ସିସି କ୍ୟାମେରା ଲଗା ଯାଇଛି। ମନ୍ଦିରର ପରିଚାଳକ ସୁରେନ୍ଦ୍ର ମିଶ୍ର, ସଦସ୍ୟ ମନୋଜ ମିଶ୍ର, ବନବିହାରୀ ଧଳ, ଲଳିତ ପାତ୍ର, ସୁଶିଲ ହୋତା ପ୍ରମୁଖ କ୍ୟାମେରା ଲଗାଯିବା ସମୟରେ ମନ୍ଦିର ପରିସରରେ ଉପସ୍ଥିତ ଥିଲେ। ସାଧାରଣରେ ସିସି କ୍ୟାମେରା ବ୍ୟବସ୍ଥାକୁ ସ୍ୱାଗତ କରିବା ସହ ବେଆଇନ କାର୍ଯ୍ୟ ଉପରେ ରୋକ ଲାଗିପାରିବ ବୋଲି ଆଲୋଚନା ହେଉଛି।

### ହାଇମାଷ୍ଟ ପୋଷ୍ଟ ଜଳିଗଲା

**ଘସିପୁରା, ୧୧।୧୧-** ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୫ ନଂ ୱାର୍ଡ଼ର ମିନାମଣ୍ଡଳୀ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ହାଇମାଷ୍ଟ ପୋଷ୍ଟ ଏଲଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଳି ଯାଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ, ବିଦ୍ୟାଳୟରେ ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ତା'ର କୌଣସି ପ୍ରତିକାର କରାଯାଉ ନ ଥିବାରୁ ଏପରି ଘଟଣା ଘଟୁଥିବା ଚର୍ଚ୍ଚା ହେଉଛି। ରବିବାର ଥିବାରୁ ବିଦ୍ୟାଳୟ ଛୁଟି ରହିଥିଲା। ପିଲାମାନେ ବିପଦରୁ ବର୍ତ୍ତି ଯାଇଥିବାର ସାଧାରଣରେ ଆଲୋଚନା ହେଉଛି।

# ରଣ ଖିଲାପିଙ୍କୁ ଅନୁକମ୍ପା

**କେନ୍ଦୁଝର,୧୧।୧୧(ସ୍ୱ.ପ୍ର.)**

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି)ରୁ ରଣ ନେଇ ପରିଶୋଧ କରି ନ ଥିବା ଖିଲାପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଟାଳଟୁଳ ନୀତିକୁ ନେଇ ଅସନ୍ତୋଷ ତୀବ୍ର ହେଉଛି। ସାଧାରଣ ଖିଲାପି ଚାଷୀ ଓ ଛୋଟ ବ୍ୟବସାୟୀଙ୍କଠାରୁ ରଣ ଆଦାୟକୁ ଜୋରଦାର କରାଯାଉଛି। ଶିଳ୍ପ, ଟ୍ରକ୍, କୋଠା ଆଦି ବାବଦକୁ ରଣ ନେଇ ସୁଝୁ ନ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରତିକୋହଳ ମନଭାବ ପ୍ରଦର୍ଶନ କରାଯାଉଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଅନୁକମ୍ପା ଦିଆଯାଉଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଉଛି। ରଣ ନେଇ ସୁଝୁ ନ ଥିଲେ ହେଁ ବ୍ୟାଙ୍କ ପକ୍ଷରୁ ସେମାନଙ୍କ ସମ୍ପତ୍ତି ବ୍ୟାଜାପ୍ତି କରି ପୈଠ କରାଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ସମ୍ପତ୍ତି ବ୍ୟାଜାପ୍ତି ହେବା ଆଶଙ୍କା କରି କେତେ ଜଣ ଖିଲାପି ଜମିବାଡି ବିକ୍ରି କରୁଥିବା ଅଭିଯୋଗ ହେଉଛି। ସେମାନଙ୍କଠାରୁ ରଣ ଅର୍ଥ ଆଦାୟ ହେବା ନେଇ ଆଶଙ୍କା ଦେଖାଦେଇଛି। କେନ୍ଦୁଝର କେସିସିବି ପକ୍ଷରୁ ଦୀର୍ଘ ବର୍ଷ ଧରି ଟପ ୨୦ ଖିଲାପୀଙ୍କ ନାମ ଓ ରଣ ଅର୍ଥ ପରିମାଣ ସମ୍ପର୍କିତ ସୂଚନା ଫଳକରେ ଜାରି କରାଯାଇଛି। ବ୍ୟାଙ୍କ ପକ୍ଷରୁ ସୂଚନା ମାରି ଦାୟିତ୍ୱ ଶେଷ କରି ଦିଆଯାଇଛି। ସେହି ଖିଲାପିଙ୍କ ମଧ୍ୟରେ ବହୁ ପ୍ରଭାବଶାଳୀ ନେତା, ଶିଳ୍ପପତି, ବ୍ୟବସାୟୀ ରହିଛନ୍ତି। ସେହି ଖିଲାପୀଙ୍କ ଉପରେ ପାଖାପାଖି ୯.୫୦ କୋଟି ଟଙ୍କା ବକେୟା ରହିଛି। ଆଦାୟ କରାଯାଇ ନ ପାରିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ କୀର୍ତ୍ତନ ବିହାରୀ ଜେନା କହିଛନ୍ତି।

ସୂଚନା ଫଳକରେ ଦର୍ଶାଯାଇଥିବା ଖିଲାପିଙ୍କ ମଧ୍ୟରେ ଟପରେ ରହିଛି ସାର୍ଥକ ମିନେରାଲସ ଚୁନପଥର କ୍ରସର କାରଖାନା। ୩ କୋଟି ୬୪ ଲକ୍ଷ ୭୩ ହଜାର ୧୬୦ ଟଙ୍କା ଆଦାୟ ବାକି ରହିଛି। ତହାର ନିର୍ଦ୍ଦେଶକ ରିଆଜୁଦ୍ଦିନ ଅହମଦ, ସାୟେଦ ମେରାଜୁଲ ଅମିନ, ସେକ ଆବ୍ରାଉଲ ହକ ଓ ବିଜୟ ଲକ୍ଷ୍ମୀ ପଟ୍ଟନାୟକ ବୋଲି ଜଣାପଡିଛି। ସେହିପରି ମୁନିର ମହାନ୍ତଙ୍କ ମେସର୍ସ ବିଲାତି ଓଡିଶା ଗୋପାଳପୁର ୧ କୋଟି ୯୮ ଲକ୍ଷ ୨୩ ହଜାର ୯୦୧ ଟଙ୍କା ବକେୟା ପୈଠ କରି ନ ଥିବା ଜଣାପଡିଛି। ଅନ୍ୟମାନଙ୍କ ଉପରେ ବକେୟା ବାବଦକୁ ୧ କୋଟି ଟଙ୍କାରୁ କମ ଲେଖାଏଁ ରଣ ରହିଛି। ଅର୍ଥ ଆଦାୟ ପାଇଁ ବ୍ୟାଙ୍କ ପକ୍ଷରୁ ସେଭଳି ଚାପ ପକାଉ ନ ଥିବାରୁ ରଣ ଟଙ୍କା ଅନାଦେୟ ନେଇ ସନ୍ଦେହ ହେଉଛି। ଏ ନେଇ କେସିସିବି ସଭାପତି କାନନ ବିହାରୀ ପୋହିଙ୍କୁ ପଚାରିବାରୁ ଖିଲାପିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆବଶ୍ୟକ ପଡିଲେ ସମ୍ପତ୍ତି ବ୍ୟାଜାପ୍ତି କରାଯିବ ବୋଲି ସେ କହିଛନ୍ତି। କେସିସିବି ସେକ୍ରେଟେରୀ ନାରାୟଣ ମଢେଇଙ୍କୁ ପଚାରିବାରୁ ଖିଲାପୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କେତେକ ଏ ନେଇ କୋର୍ଟକୁ ଯାଇଥିବା ବେଳେ କେତେକ ୱାନ ଟାଇମ ସେଟେଲମେଣ୍ଟ ଦ୍ୱାରା ସମାଧାନ କରିବାକୁ ଚାହୁଁଛନ୍ତି। ସେମାନଙ୍କୁ କୌଣସି ସୁବିଧା ଦିଆ ନ ଯାଇ ଅର୍ଥ ଆଦାୟ ହେବ। ଖିଲାପିଙ୍କଠାରୁ ରଣ ଅର୍ଥ ଆଦାୟ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।



ଟପ୍ ୨୦ ଖିଲାପିଙ୍କ ତାଲିକା।

**କେସିସିବି ବ୍ୟାଙ୍କ**
- ସୂଚନା ଫଳକରେ ସୀମିତ କାର୍ଯ୍ୟାନୁଷ୍ଠାନ
- ବକେୟା ଅର୍ଥ ଆଦାୟ ହୋଇପାରୁନି
- ପ୍ରଭାବଶାଳୀଙ୍କ ପ୍ରତି କୋହଳ ମନୋଭାବ

■ ଘଟଗାଁ ବ୍ଲକ ଘେରାଉ, ଭଙ୍ଗାରୁଜା ମାମଲା

# ଭାଜପା ନେତା ପୃଥ୍ୱୀରାଜ କୁଅଁର ଗିରଫ

**କେନ୍ଦୁଝର, ୧୧।୧୧(ସ୍ୱ.ପ୍ର.)**

ଘଟଗାଁ ବ୍ଲକ କାର୍ଯ୍ୟାଳୟ ଘେରାଉ ଓ ଭଙ୍ଗାରୁଜା ଘଟଣାରେ ଫେରାର ଥିବା ଭାଜପା ନେତା ପୃଥ୍ୱୀରାଜ କୁଅଁରଙ୍କୁ ରବିବାର କେନ୍ଦୁଝରରୁ ପୋଲିସ ଗିରଫ କରିଛି। କେନ୍ଦୁଝରରେ ଅନୁଷ୍ଠିତ ଭାଜପାର ଏକ ଖବରଦାତା ସମ୍ମିଳନୀରେ ସାମିଲ ହେବାକୁ ଆସିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଛି। ଉକ୍ତ ଘଟଣାରେ ପୋଲିସ ପୂର୍ବରୁ ୪ ଜଣଙ୍କୁ ଗିରଫ କରି ସାରିଛି। ଆନ୍ଦୋଳନର ପୁରୋଧା ସାଜିଥିବା କୁହାଯାଉଥିବା ପୃଥ୍ୱୀରାଜ ଫେରାର ଥିଲେ। ଗତ ୩୦ରେ ବ୍ଲକ ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ସେହି ସମୟରେ ଜୋରଜବରଦସ୍ତ ବ୍ଲକ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଆଖିରେ ଧୂଳିଦେଇ ଫେରାର ଥିବା ପୃଥ୍ୱୀରାଜ ଖବରଦାତା ସମ୍ମିଳନୀରେ ସାମିଲ ହୋଇ ଜିଲାର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ବିଷୟରେ କହୁଥିଲେ। ସେହି ସମୟରେ ପୋଲିସ ତାଙ୍କୁ ଗିରଫ କରିଥିବା ବେଳେ ଏ ନେଇ ଭାଜପା ଦଳକୁ ଅପଦସ୍ତ ହେବାକୁ ପଡିଥିଲା ବୋଲି ଚର୍ଚ୍ଚା ହେଉଛି।

ଉକ୍ତ ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ ଓ ପୂର୍ବତନ ବିଧାୟକ ମୋହନ ମାଝି ଉପସ୍ଥିତ ଥିଲେ। ଆନନ୍ଦପୁର ଅଞ୍ଚଳରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଉଥିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଓ ତାଙ୍କ ୨ ପୁଅ ଏବଂ ଜିଲା ପୋଲିସକୁ ଏଥିପାଇଁ ଦାୟୀ କରିଥିଲେ। ଆନନ୍ଦପୁର ଅଞ୍ଚଳରେ ବହୁ ହିଂସାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ଥିଲେ ହେଁ ପୋଲିସର କୋହଳ ମନଭାବ ଯୋଗୁଁ ଖସିଯାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଭାଜପା ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ମତବ୍ୟକ୍ତ କରିଥିଲେ।

# ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଦ୍‌ବେଗ


ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀ।

**କେନ୍ଦୁଝର, ୧୧।୧୧(ସ୍ୱ.ପ୍ର.)**
କେନ୍ଦୁଝର ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଉଦବେଗ ପ୍ରକାଶ ପାଇଛି। ଏ ନେଇ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ରବିବାର ଏସପି ଜୟରାମ ପଙ୍କଜଙ୍କୁ ପ୍ରଦାନ କରାଯାଇଛି। ଘଷିପୁରା ଥାନା ଗୁହାଳିଆ ଗ୍ରାମରେ ପ୍ରଶାନ୍ତ କୁମାର ସାହୁଙ୍କୁ ମରଣାନ୍ତକ ଆକ୍ରମଣ, ତୁରମୁଙ୍ଗା ଥାନା ଅଞ୍ଚଳରେ ଡାକ୍ତର ସଂଯୁକ୍ତା ଗିରିଙ୍କୁ ଆକ୍ରମଣ ଓ ଗାଳିଗୁଲଜ, ଘଟଗାଁ ଥାନା ଅଞ୍ଚଳରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ଆଦି ଦ୍ୱାରା ଜିଲାର ଶାନ୍ତି ବାତାବରଣକୁ ଅଶାନ୍ତ ଓ ଉତକ୍ଷିପ୍ତ କରି ଦେଇଥିବା କଂଗ୍ରେସ ପକ୍ଷରୁ ଅଭିଯାଗ ହୋଇଛି। ଘଟଣା ଗୁଡିକର ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ କମିଟି ପକ୍ଷରୁ ଦାବି କରାଯାଇଛି।

ଜିଲା କାର୍ଯ୍ୟକାରୀ ସଭାପତି ତଥା ମୁଖପାତ୍ର ବିପ୍ଳବ ମିଶ୍ର, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ପୟୋଧର ବେହେରା, ଉତ୍ତମ କୁମାର ସାହୁ, ବିଜୟ ରଣା, କୋଦଣ୍ଡ ଜେନା, ଲଳିତ ମୋହନ ନାୟକ, ରତ୍ନାକର ଜେନା, ଅଂଶୁମାନ ଶତପଥୀ, ଶୁଭମ ରାଜ, ସନତ ପାଢୀ, ଆଶିତୋଷ ମିଶ୍ର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟରେ ବୃଦ୍ଧିପାଉଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବାକୁ ପୋଲିସ ବିଫଳ ହେଉଥିବାରୁ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପିସିସି ସାଧାରଣ ସମ୍ପାଦକ ଆଲୋକ କହିଛନ୍ତି।

# ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ

**ଚମ୍ପୁଆ/ପାଟଣା, ୧୧।୧୧(ଡି.ଏନ.ଏ./ସ୍ୱ.ପ୍ର.)**

ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଚମ୍ପୁଆ ମୌଲାନାଗୋଡାର ମାଦ୍ରାସା ଦାରୁସ ସଲାମଠାରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି। ମାଦ୍ରାସାର ସହକାରୀ ମୌଲବି ମହମ୍ମଦ ବର୍କତୁଲ୍ଲାହ ବକ୍ତବ୍ୟ ଛଳରେ ମୌଲାନାଜୀଙ୍କର ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ହରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ବଡନଇଁଠାରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷକ କାଶିନାଥ ମହାନ୍ତ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ପୁରୁଷୋତ୍ତମ ନାଏକ, ଶଙ୍ଖାଳି ନାଏକ, ରତିକାନ୍ତ ବାରିକ, ମନୋରନ ମହାନ୍ତ, ପ୍ରେମାନନ୍ଦ ନାଏକ, ରକ୍ଷାକର ବଡପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ପୂର୍ବତନ ତଥା ପ୍ରଥମ ଶିକ୍ଷାମନ୍ତ୍ରୀ ଡଃ ମୌଲାନା ଅବୁଲ କାଲାମ ଆଜାଦ୍‌ଙ୍କର ଜନ୍ମ ଦିନକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ମଧ ଏହି ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି। ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ରମାକାନ୍ତ ପ୍ରଧାନ ତଥା ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଉପସ୍ଥିତ ରହି ଜାତୀୟ ଶିକ୍ଷା ଦିବସ ପାଳନ କରିଥିଲେ। ଛାତ୍ରୀଛାତ୍ର ଉକ୍ତ ଦିବସର ମାହାତ୍ମ୍ୟ ଆଦି ସମ୍ପର୍କରେ ଆଲୋଚନା କରିଥିଲେ।

ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ରବିବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ଜୀବନି ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟରୁ ଏକ ଶିକ୍ଷା ସଚେନତା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି, ସମ୍ମାନିତ ଅତିଥି ଭାବେ ପ୍ରକାଶ କୁମାର ମିଶ୍ର ଓ ସୁନିତା ବେହେରା ଉପସ୍ଥିତି ରହି ମୌଲାନାଙ୍କ ଜୀବନି ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅନୁରୂପ ଭାବେ ସାନଜାମୁପଶି ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଘନଶ୍ୟାମ ମହାନ୍ତ ଓ ଶିକ୍ଷକ ବିରମୋହନ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ୬ରୁ ୧୮ବର୍ଷର ନିରକ୍ଷର ପିଲାମାନଙ୍କୁ ବିଦ୍ୟାଳୟ ଆସିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ଛାତ୍ରୀଛାତ୍ରଙ୍କୁ ନେଇ ପ୍ରସ୍ତୁତ କରାଯାଇଥିଲା।


ପାଟଣା ପ୍ରକଳ୍ପ ବିଦ୍ୟାଳୟରେ ଆୟୋଜିତ ସଭାରେ ଅତିଥି।

# ୧୫ରୁ ଜନ ପରାମର୍ଶ ପଦଯାତ୍ରା

**ପାଟଣା, ୧୧।୧୧(ସ୍ୱ.ପ୍ର.)**

ପାଟଣା ବ୍ଲକ ତୁରୁମୁଙ୍ଗା ଶିବମନ୍ଦିର ନିକଟରେ ରବିବାର ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିଜେଡି ସରକାରର ବିଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନଭେମ୍ବର ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ବ୍ୟାପି ଜିଲାର ବିଭିନ୍ନ ବ୍ଲକରେ ଜନ ପରାମର୍ଶ ପଦଯାତ୍ରା ଅୟୋଜନ କରିବାକୁ ଭାଜପା ପକ୍ଷରୁ ନିଷ୍ପତ୍ତି ହୋଇଛି।

ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୌରହରି ନାଏକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ସାହାରପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୌତମ ନାଏକ, ବରିଷ୍ଠ ନେତା କମଳାକାନ୍ତ ଦାଶ, ସାମାଜିକ କର୍ମୀ ଅଖିଳ ନାଏକ, ପାଟଣା ମଣ୍ଡଳ ସଭାପତି ପ୍ରହ୍ଲାଦ ପଲେଇ, ତୁରୁମୁଙ୍ଗା ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତ, ଜିଲା ପରିଷଦ ସଭ୍ୟ ଡଲି ପାତ୍ର, ବ୍ରଜମୋହନ ସାହୁ, କୃପାସିନ୍ଧୁ ସାହୁ, ଖିରେଇଟାଙ୍ଗିରି ସରପଞ୍ଚ ବନୋଜ ନାଏକ, ସତ୍ୟବାନ କର ଓ ବରୁଣ ସାହୁ ପ୍ରମୁଖ ବହୁ ଭାଜପା କର୍ମୀ ପଦଯାତ୍ରାକୁ ସଫଳ କରିବା ପାଇଁ ଏକାଠି ହୋଇଥିଲେ।

■ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ

# ବଡ଼ବିଲ ଟାଇଗର, ଏସ୍‌ଏଆଇ ବିଜୟୀ

**ବଡ଼ବିଲ, ୧୧।୧୧(ସ୍ୱ.ପ୍ର.)**
ବଡ଼ବିଲଠାରେ ଚାଲିଥିବା ବିପିଏଲ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ବଡବିଲ ଟାଇଗର ଏବଂ ଏସଏଆଇ ଦଳ ବିଜୟୀ ହୋଇଛି। ରବିବାର ପୂର୍ବାହ୍ନ ଏସଜିଏଲ ଓ ଏସଏଆଇ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏସଏଆଇ ଟସ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ଏସଏଆଇ ଟିମ୍ ୭ ୱିକେଟ ବିନିମୟରେ ୭୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚରେ ପ୍ରମୋଦ କୈନ୍ଥ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ବଡବିଲ ଟାଇଗର ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ୱିକେଟ ବିନିମୟରେ ୯୨ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଏଜେଫିଟନେସ୍ ସମସ୍ତ ୱିକେଟ ହରାଇ ନିର୍ଦ୍ଧାରିତ ଓଭର ବ୍ୟାଟିଂ କରି ୯୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାଚରେ ଅନିଲ ମହାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ।

# ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ

**କେନ୍ଦୁଝର, ୧୧।୧୧(ସ୍ୱ.ପ୍ର.)**
ସଦର ବ୍ଲକ ପଦ୍ମପୁରରେ ଭୂବନାନନ୍ଦ ପବ୍ଲିକ ସ୍କୁଲରେ ଆନ୍ତର୍ଜାତିକ ଶିକ୍ଷା ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ପରିଚାଳକ ଦିଲିପ କୁମାର ବେହେରା, ରାଧାକ୍ରିଷ୍ଣ ଆଦିବାସୀ ଆବାସିକ ବିଦ୍ୟାପୀଠର ସମ୍ପାଦକ ପ୍ରେମାନନ୍ଦ ସିଂ, ସ୍କୁଲର ପ୍ରଶାସନିକ ଅଧିକାରୀ ଜଗନ୍ନାଥ ସା ଅତିଥି ଭାବରେ ଯୋଗ ଦେଇଥିଲେ।

ଏହି ଅବସରରେ ପରିଚାଳକ ବେହେରା ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ଶିକ୍ଷାର ଆବଶ୍ୟକତା ବିଷୟରେ କହିବା ସହ ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଏପିଜେ ଅବଦୁଲ କାଲାମ ଦୃଷ୍ଟାନ୍ତ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବର୍ଜନର ଆବଶ୍ୟକତା ଓ ପେପର ବ୍ୟାଗର ବ୍ୟବହାର ବିଷୟରେ କହିଥିଲେ। ପ୍ଲାଷ୍ଟିକ ବର୍ଜନକୁ ନେଇ ଶପଥ ପାଠ କରାଯାଇଥିଲା। ପିଲାମାନେ ପେପର ବ୍ୟାଗ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଜଗନ୍ନାଥ ସା ଧନ୍ୟବାଦ ଅର୍ପଣ କରିଥିଲେ।


ପିଲାମାନେ ପ୍ରସ୍ତୁତ ପେପର ବ୍ୟାଗ୍ ପ୍ରଦର୍ଶିତ କରୁଛନ୍ତି।

# ଜବରଦଖଲରୁ ଟ୍ରାଫିକ ସମସ୍ୟା

**ଯୋଡା, ୧୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବେଆଇନ୍ ପାର୍କିଂ, ରାସ୍ତାକଡ ଠେଲା ଦୋକାନ ଲାଗି ଯାତାୟାତରେ ସମସ୍ୟା ହେଉଛି। ଏ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ପୁରୁଣା ଥାନା ଛକ ନିକଟରୁ ଫରେଷ୍ଟ ଅଫିସ ପର୍ଯ୍ୟନ୍ତ ବେଆଇନ୍ ଭାବେ ଯାନବାହାନ ପାର୍କିଂ କରାଯାଉଛି। ରାସ୍ତାକଡର ଠେଲା ଜଳଖିଆ, ପାନ ଦୋକାନ ପାଇଁ ଟ୍ରାଫିକ ଜାମ ହେଉଥିବା ଅଭିଯୋଗ ହେଉଛି। ଯୋଡା ଗୁଣ୍ଡିଚା ମନ୍ଦିର ଛକ ନିକଟରେ ପୌରପାଳିକାର ପରିବା ମାର୍କେଟ ପାଖରେ ବେଆଇନ ଭାବେ ଠେଲା ଦୋକାନ କରାଯାଇଥିବାରୁ ଯାନବାହାନ ପାର୍କିଂ ସ୍ଥାନ ରହୁ ନ ଥିବାରୁ ରାସ୍ତାକୁ ଆବଦ୍ଧ କରି ପାର୍କିଂ କରାଯାଉଛି। ସେଠାରେ ଟ୍ରାଫିକ୍ ଜାମ ପରିଲକ୍ଷିତ ହେଉଛି।

ଯୋଡା ମାର୍କେଟ ମଧ୍ୟରେ ଥିବା ପେଟ୍ରୋଲ ପମ୍ପଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ବେଆଇନ୍ ଭାବେ ଚାରିଚକିଆ ଯାନ ପାର୍କିଂ ହେଉଥିବାରୁ ବସ୍ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମୁଖୀନ ହେଉଛନ୍ତି। ବସ୍ ଗୁଡିକ ମଧ ମଝି ରାସ୍ତାରେ ଅଟକି ରହୁଛି। ବସ୍ ଯାତ୍ରୀ ଦିନେଶ ପାଣିଗ୍ରାହୀ, ଜୟରାମ ମୁଣ୍ଡା, ଯୁଗଳ କିଶୋର ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କହିଛନ୍ତି ଯେ, ଯୋଡ଼ା ସହରରେ ୨ ଚକିଆ ବାଇକ ଶୃଙ୍ଖଳିତ ଭାବେ ରହୁଛି। ୪ ଚକିଆ ବଡ ଯାନବାହାନ ରାସ୍ତା ଉପରେ ଠିଆ ହେଉଛି। ବିଭିନ୍ନ କାର୍ଯ୍ୟରେ ଯାଉଥିବା ବସ୍ ଯାତ୍ରୀଙ୍କ କାର୍ଯ୍ୟ ବିଳମ୍ବ ହେଉଛି। ଏ ସମ୍ପର୍କରେ ବିଜେଡି ଯୁବ ଶାଖାର ସଭାପତି ତଥା ଯୁବ ସଙ୍ଗଠକ ମାନସ ଦାସ କହିଛନ୍ତି, ଟ୍ରାଫିକ ସମସ୍ୟା ଓ ବେଆଇନ୍ ପାର୍କିଂ ପାଇଁ ପ୍ରଶାସନିକ ଅବହେଳା ହିଁ ଦାୟୀ। ସରକାରୀ ଜାଗାର ଅତିକ୍ରମଣତା ଦାୟୀ। ଏ ବାବଦରେ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ କାର୍ଯ୍ୟାନୁଷ୍ଠାନ ଶୂନ୍ ହୋଇଛି। ପୌରପାଳିକାର କେତେକ ଅସାଧୁ କର୍ମଚାରୀ ଉଠା ଦୋକାନୀ, ଠେଲା ଗାଡିକୁ ରାସ୍ତା ଅଡିଆର କରି ଜାଗା ଦେଉଛନ୍ତି। ଏ ନେଇ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀଙ୍କୁ ପଚାରିବାରୁ ବେଆଇନ୍ ପାର୍କିଂ ଓ ଅତିକ୍ରମଣ, ରାସ୍ତା କଡରେ ଥିବା ଠେଲା ଓ ଅନ୍ୟ ଦୋକାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯୋଡା ପୋଲିସ ସହ ବେଆଇନ୍ ଭାବେ ହେଉଥିବା ପାର୍କିଂକୁ ରୋକିବା ପାଇଁ ପୋଲିସ ଏବଂ ପୌରପାଳିକା ମିଳିତ ଭାବେ ଏକ ଅଭିଯାନ ଖୁବଶୀଘ୍ର ହେବ ବୋଲି ସେ କହିଛନ୍ତି।


ଜବରଦଖଲ ହୋଇଥିବା ସ୍ଥାନ।

- ରାସ୍ତାକଡ଼ର ଠେଲା ଜଳଖିଆ ଦୋକାନ
- ଅସୁବିଧା ଭୋଗୁଛନ୍ତି ଯାତ୍ରୀ
- ପଦକ୍ଷେପ ନେଉନି ପୌରପାଳିକା